୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.266 Bhubaneswar Thursday December 05 2024 | ୨୬ତମ ବର୍ଷ ସଂଖ୍ୟା-୨୬୬ ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୦୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ମହୋଦଧିରେ ବିଶ୍ୱ ଦେଖିଲା ଭାରତୀୟ ନୌସେନାର ମହାପରାକ୍ରମ




ଭୁବନେଶ୍ୱର,୪।୧୨(ପିଏନ):ମହୋଦଧିରେ ବିଶ୍ୱ ଦେଖିଲା ଭାରତୀୟ ନୌସେନାର ବଳ। ନୌସେନା ଦିବସରେ ଓଡ଼ିଶାରେ ଲେଖାହେଲା ଉତ୍ସବର ନୂଆ ଇତିହାସ। ରାଷ୍ଟ୍ରପତିଙ୍କ ସାମ୍ନାରେ ୧୫ ଯୁଦ୍ଧ ଜାହାଜ, ୩୭ ଏୟାରକ୍ରାଫ୍ଟ ଓ ୩୫ ଶହରୁ ଅଧିକ ନୌବୀରଙ୍କ ଦୁର୍ଦ୍ଧର୍ଷ ରଣକୌଶଳ ଦେଖି ତାଜୁବ ଦୁନିଆ। ଓଡ଼ିଆ ପୁଅ କମାଣ୍ଡର ରାହୁଲ ପଟ୍ଟନାୟକଙ୍କ ନେତୃତ୍ୱରେ ସବ୍‌ମେରିନ୍ INS ଶଲ୍-କୀ ପରାକ୍ରମ ଦେଖାଇବା ପରେ ଆରମ୍ଭ ହୋଇଥିଲା ଶୌର୍ଯ୍ୟ, ସାହସ, ସମନ୍ୱୟର ଅଭୂତପୂର୍ବ ପ୍ରଦର୍ଶନ।ରାଷ୍ଟ୍ରପତି ତଥା ୩ ସେନାର କମାଣ୍ଡର-ଇନ-ଚିଫ୍ ଦ୍ରୌପଦୀ ମୁର୍ମୁଙ୍କୁ ଗାର୍ଡ ଅଫ୍ ଅନର ପରେ କମ୍ପି ଉଠିଥିଲା ପୁରୀ ବ୍ଲୁ ଫ୍ଲାଗ୍ ବିଚ୍। ସମୁଦ୍ରର ଘୋ' ଘୋ' ଶବ୍ଦକୁ ଚିରି ଆକାଶରୁ ଶୁଭିଥିଲା ବିମାନର ଗୁରୁଗର୍ଜନ। ଚିତାକର୍ଷକ ଫ୍ଲାଏପାଷ୍ଟ ସହ ବମ୍ ବର୍ଷ୍ଟ ମାନୁଏଭର ଦେଖାଇଥିଲେ ୫ଟି ହକ୍ ବିମାନ। ଏହାପରେ ୩ଟି ଚେତକ ହେଲିକପ୍ଟର ବ୍ୟାନର ଫର୍ମେସନରେ ସଗର୍ବ ଉଡାଇଥିଲେ ଜାତୀୟ ପତାକା ଓ ଭାରତୀୟ ନୌସେନାର ଧ୍ୱଜା। ପରେ ନୌସେନାର ଶକ୍ତି ପ୍ରଦର୍ଶନ ଯେତେ ଆଗଉଥିଲା, ସେତିକି ଉଉଙ୍ଗ ହେଉଥିଲା ସମୁଦ୍ରର ସୁଉଚ୍ଚ ଜୁଆର।

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୨ ବର୍ଷରେ ୧୨୧୦ କୋଟି ମଞ୍ଜୁର: ୨୦୨୭ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ



ଭୁବନେଶ୍ୱର,୪।୧୨(ପି.ଏନ): ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଯଥାକ୍ରମେ ୨୧୦ କୋଟି ଓ ୧,୦୦୦ କୋଟି ମଞ୍ଜୁର ହୋଇଛି। ପ୍ରକଳ୍ପରେ କାର୍ଯ୍ୟରତ ସମୟରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ପ୍ରଶସ୍ତୀକରଣ କରିବାକୁ ସ୍ଥିର ପରାଯାଇଛି । ଟ୍ରାଫିକ୍ ଡାଇଭର୍ସନ ଯୋଜନା ଟ୍ରାଫିକ୍ ପୁଲିସ ଓ ଏ ସମ୍ବନ୍ଧୀୟ ଅନ୍ୟାନ୍ୟ ଅଧିକାରୀଙ୍କ ସମନ୍ୱୟରେ କାର୍ଯ୍ୟକାରୀ କରାଯିବ । ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ନିର୍ମାଣ ପାଇଁ ଦିଲ୍ଲୀ ମେଟ୍ରୋ ରେଳ ନିଗମ ସହ ପରାମର୍ଶଦାତା ଭାବେ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି ।ମେଟ୍ରୋ ଷ୍ଟେସନ ନିର୍ମାଣ କରିବାକୁ ଏକାନ୍ତ ବ୍ୟବସ୍ଥିତ ଯୋଜନା ଅନୁସାରେ କାର୍ଯ୍ୟ ଚାଲିଛି । ନୂଆ ସରକାର ପ୍ରକଳ୍ପର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବା ସହ ବୈଷୟିକ ପରାମର୍ଶଦାତାଙ୍କ ସହ ଆଲୋଚନା କରୁଛନ୍ତି । ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କିତ ବିଧାୟକ ପ୍ରତାପ କେଶରୀ ଦେବ ଓ ସାରଦା ପ୍ରସାଦ ନାୟକଙ୍କ ଭିନ୍ନ ଭିନ୍ନ ପ୍ରଶ୍ନରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହା କହିଛନ୍ତି । ୨୦୨୭ ଡିସେମ୍ବର ସୁଦ୍ଧା ସରିବ ଭୁବନେଶ୍ୱର ମେଟ୍ରୋ ରେଳ କାମ । ଏନେଇ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସୂଚନା ପୂର୍ବରୁ ମିଳି ସାରିଛି ।

### ୧୯୭୧ ଯୁଦ୍ଧରେ ଧୂଳି ଚାଟିଥିଲା ପାକିସ୍ତାନ; ଅନୁଭୂତି ବଖାଣିଲେ ଓଡ଼ିଆ ନୌବୀର

ଭୁବନେଶ୍ୱର,୪।୧୨(ପି.ଏନ): ସେଦିନ ରାତିରେ ଜଳିଥିଲା ସମୁଦ୍ର। ଛାରଖାର ହୋଇଥିଲା କରାଚି ବନ୍ଦର। ୧୯୭୧ ମସିହା ଡିସେମ୍ବର ୪ ତାରିଖ ରାତିରେ ଇତିହାସ ରଚିଥିଲା ଭାରତୀୟ ନୌସେନା। ପାକିସ୍ତାନର କରାଚି ବନ୍ଦରକୁ ଧୂଳିସାତ୍ କରି ସଫଳତା ହାସଲ କରିଥିଲା 'ଅପରେସନ୍ ଟ୍ରାଇଡେଣ୍ଟ'। ଏହାର ସ୍ମୃତିରେ ପ୍ରତିବର୍ଷ ଆଜିର ଦିନକୁ ନୌସେନା ଦିବସ ଭାବେ ପାଳନ କରାଯାଉଛି। ତେବେ ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧର ପ୍ରଥମ ମହାପର୍ବରେ ସାମିଲ୍ ଥିବା ଓଡ଼ିଆ ନୌବୀର ସନାତନ ସାହୁ ସେଦିନ ରାତିର ସ୍ମୃତି ବଖାଣିଛନ୍ତି। କେନ୍ଦ୍ରାପଡା ମାଧପୁରର ୭୫ ବର୍ଷୀୟ ସନାତନ ସାହୁ। ଅପରେସନ୍ ଟ୍ରାଇଡେଣ୍ଟରେ ସାମିଲ ହୋଇଥିବା ନେଭି ଭେଟେରାନ୍। ସେତେବେଳେ ଯୁଦ୍ଧ ଜାହାଜ ଓଘଝ କିଲଟନରେ ସେକେଣ୍ଡ କ୍ଲାସ୍ ସିଗ୍ନାଲ୍ ମ୍ୟାନ୍ ଥାଆନ୍ତି ୨୨ ବର୍ଷୀୟ ସନାତନ। ପଦବୀ କନିଷ୍ଠ ହେଲେ ବି କାନ୍ଧରେ ଥାଏ ଗୁରୁଦାୟିତ୍ୱ। କାରଣ ୩ଟି ମିଜାଇଲ୍ ବୋଟ୍ ଓ ଆଉ ଏକ ଆଣ୍ଟି ସବମରିନ୍ କର୍ଭେଟ୍ ସହ ତାଙ୍କ ଜାହାଜ ବି ସାମିଲ ଥିଲା ଅପରେସନ୍ ଟ୍ରାଇଡେଣ୍ଟରେ।

### ମଝି ଆକାଶରେ ଯାନ୍ତ୍ରିକ ତ୍ରୁଟି! ଜରୁରୀ ଅବତରଣ କଲା ନୌସେନା ହେଲିକପ୍ଟର

ଭୁବନେଶ୍ୱର,୪।୧୨(ପି.ଏନ): ନୌସେନା ଦିବସରେ ଜରୁରୀ ଅବତରଣ କଲା ନୌସେନା ହେଲିକପ୍ଟର । ବାରିପଦା ଜିଲ୍ଲା ଅମରଦା ନିକଟରେ ଜରୁରୀ ଅବତରଣ କରିଛି । ତେବେ ହଠାତ୍ ଆସି ବିଲ ଭିତରେ ଜରୁରୀ ଅବତରଣ କରିଥିବା ଦେଖାଯାଇଛି । କେଉଁ କାରଣ ପାଇଁ ନୌସେନା ହେଲିକପ୍ଟର ଏଭଳି ଜରୁରୀ ଅବତରଣ କଲା ତାହା ଜଣାପଡି ନାହିଁ । ସୂଚନା ଅନୁସାରେ, ଅମରଦା ଗ୍ରାମ ନିକଟରେ ହଠାତ୍ ବିମାନଟି ଜରୁରୀ ଅବତରଣ କରିଥିଲା । ଧାନ ବିଲ ଭିତରେ ଅବତରଣ କରିବା ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହେବା ସହିତ କାରଣ ଜାଣିବା ପାଇଁ ଦୌଡି ଯାଇଥିଲେ । ସେଠାରେ ପାଖାପାଖି ୧୫ ମିନିଟ ଧରି ହେଲିକପ୍ଟରଟି ରହିଥିଲା । ଏହାପରେ ପାଇଲଟ ବାହାରି ତଦାରଖ କରୁଥିବା ମଧ୍ୟ ଦେଖାଯାଇଥିଲା ।

## ମୋତେ ଭାତ ମୁଠାଏ ଦରକାର... ପୁଅ-ବୋହୂ କହିଲେ, ଜରାଶ୍ରମରେ କାହିଁକି ରହିବନି ?



ଭୁବନେଶ୍ୱର,୪।୧୨(ପି.ଏନ): ସେ ଜରାଶ୍ରମରେ କାହିଁକି ରହିବନି ଭରା ସଭାରେ ସର୍ବ ସମ୍ମୁଖରେ ପୁଅବୋହୂଙ୍କ କଥା ଶୁଣି ସମସ୍ତେ ହତବାକ। ବୋଧହୁଏ ବାର୍ଦ୍ଧକ୍ୟରେ ଏହି କଷ୍ଟଦାୟକ ଶବ୍ଦ ଶୁଣିବା ପାଇଁ ବଞ୍ଚିଥିଲେ ବାପା ! କଣବା କରିବେ କେବଳ ଅସହାୟତା ଛଡା ତାଙ୍କ ପାଖରେ ଆଉ କିଛି ନାହିଁ। କାରଣ ୮୪ ବର୍ଷ ବୟସରେ କାହାକୁ ଉତ୍ତର ଦେଲା ଭଳି ବଳ ଆଉ ତାଙ୍କ ଅଣ୍ଟାରେ ନାହିଁ। ତେଣୁ ପ୍ରାଣ ଥିବା ଯାଏଁ ମୁଠାଏ ଭାତ ଦେବା ପାଇଁ ଛଳ ଛଳ ଆଖିରେ କହୁଛନ୍ତି ଶୁକଦେବ ବାରିକ। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା କଙ୍କରଦିଆ ଗାଁର ଶୁକଦେବ ବାରିକ। କୌଳିକ ବୃତ୍ତି ସହ ଚାଷ ବାସ କରି ଚଳନ୍ତି। ପରିବାର କହିଲେ ପତ୍ନୀ ରେବତୀ ବଡ ପୁଅ ଗୋପୀନାଥ ଓ ୫ ଝିଅ। ଶୁକଦେବ ଯାହା ରୋଜଗାର କରୁଥିଲେ, ସେଥିରେ ବେଶ୍ ? ହସ ଖୁସିରେ ଚାଲୁଥିଲା ପରିବାର। ଧୀରେ ଧୀରେ ପରିବାରର କଳେବର ବ ?ିଲା। ପିଲାମାନେ ବଡ ହେଲେ। ପୁଅ ଗୋପୀନାଥଙ୍କୁ ବାହା କରାଇଲେ ଶୁକଦେବ।

## ବଦ୍ରୀ ଗଣେଇଲେ ଦଳର ଦୋଷ, ଧାରରେ ଦଳ ଚାଲେନାହିଁ, ବୁଝାଇଲେ ନବୀନଙ୍କୁ



ଭୁବନେଶ୍ୱର,୪।୧୨(ପି.ଏନ): ଘସିପୁରା ବିଧାୟକ ବଦ୍ରୀ ପାତ୍ର ପୁଣି ମୁହଁ ଖୋଲିବା ସହ ନବୀନଙ୍କ ଭୁଲ ନିଷ୍ପତ୍ତି ଓ ପଦକ୍ଷେପକୁ ପରୋକ୍ଷରେ ଦାୟୀ କରିଛନ୍ତି । ବଦ୍ରୀ କହିଛନ୍ତି, ଧାର କରି ନେତା ଆଣିବା ଦଳ ପାଇଁ ମହଙ୍ଗା ପଡିଛି । ରାତିରେ ନେତାଙ୍କୁ ଆମଦାନୀ କରି ସକାଳୁ ପ୍ରାର୍ଥୀ କରିବା ଦଳର ଅଧୋଗତିର କାରଣ ହୋଇଛି ବୋଲି କହିଛନ୍ତି ବଦ୍ରୀ । ଏଥିସହ ବିଜେପି ଏବେ ଯାହା କରୁଛି ତାକୁ ମଧ୍ୟ ଭୁଲ କହିଛନ୍ତି ବଦ୍ରୀ ।ଆଜି ପୁଣି ବିଷ ଉଗାଳିଛନ୍ତି ଘସିପୁରା ବିଧାୟକ ତଥା ବିଜେଡିର ପୁରୁଣା ତଥା ବରିଷ୍ଠ ନେତା ବଦ୍ରୀ ପାତ୍ର । ସେ କହିଛନ୍ତି ଅନ୍ୟ ଦଳରୁ ଧାର ଆଣି ଆମେ ଭୁଲ କରିଛୁ । ଅତୀତରେ ଅନେକ ଭୁଲ କରିଛୁ । ବିଜେପିରୁ ଟିକେଟ ପାଇଥିଲା କିଛି ପ୍ରାର୍ଥୀଙ୍କୁ ଆମ ଦଳ ନେଲା । ସେମାନେ ଏବେ ଆମ ସାଂସଦଙ୍କୁ ନେଉଛନ୍ତି । ଆଦର୍ଶଗତ ପ୍ରଭେଦ ପାଇଁ ଦଳକୁ ବହୁ ମୂଲ୍ୟ ଦେବାକୁ ହେଉଥିବା କହିଛନ୍ତି ବଦ୍ରୀ । ଏଥିସହ ଏବେ ବିଜେପି ତାଙ୍କ ଦଳର ନେତା, ମୁଖ୍ୟତଃ ସାଂସଦଙ୍କୁ ନେଉଥିବାରୁ ଏହାକୁ ଭୁଲ କହିଛନ୍ତି ବଦ୍ରୀବଦ୍ରୀ ପାତ୍ର ଆଜି ଦେଇଥିବା ବୟାନ ନବୀନଙ୍କ ଉଦ୍ଦେଶ୍ୟରେ ଥିବା ପରି ମନେ ହେଉଛି । କାରଣ ନିର୍ବାଚନ ପୂର୍ବରୁ ଖାଲି ବିଜେପି ନୁହେଁ, କଂଗ୍ରେସରୁ ମଧ୍ୟ ବହୁ ନେତାଙ୍କୁ ବିଜେଡି ବିଭିନ୍ନ ପ୍ରଲୋଭନ ଦେଇ ନିଜ ଦଳରେ ସାମିଲ କରିଥିଲା । ଏମିତି କି ଟିକେଟ ହାତେଇ ସାରିଥିବା ପ୍ରାର୍ଥୀ ମଧ୍ୟ କ୍ଷମତା ଲୋଭରେ ବିଜେଡିର ପ୍ରଲୋଭନରେ ନିଜ ଦଳ ସହ ବିଶ୍ୱାସଘାତକତା କରିଥିଲେ । ଯାହା ଅନେକ ସ୍ଥାନରେ ବିଜେପି ଓ କଂଗ୍ରେସକୁ ମୂଳପୋଛ କରିବା ପରି ହୋଇଥିଲା ମଧ୍ୟ ।ହେଲେ ଦଳର ନିର୍ବାଚନ ପରିଚାଳନାରେ ଥିବା ନେତାଙ୍କ ଅଦୂରଦର୍ଶିତା ପାଇଁ ଆଜିର ସ୍ଥିତି ସୃଷ୍ଟି ହୋଇଥିବା ବଦ୍ରୀଙ୍କ କଥାରୁ ସ୍ପଷ୍ଟ ହୋଇଛି । ସେ କହିଛନ୍ତି ନେତାଙ୍କ ନୀତି, ଆଦର୍ଶର କଥା । ବିଜେପି କଟ୍ଟର ହିନ୍ଦୁତ୍ୱବାଦ ଉପରେ ପର୍ଯ୍ୟବେକ୍ଷିତ ଦଳ । ସେମାନଙ୍କ ନୀତି ଆଦର୍ଶ ମଧ୍ୟ ଭିନ୍ନ । ଏମିତି ରାତାରାତି କୌଣସି ବ୍ୟକ୍ତିର ଆଦର୍ଶ ବା ଚିନ୍ତାଧାରାରେ ପରିବର୍ତ୍ତନ ହୁଏ ନାହିଁ । ତେଣୁ ବିଜେଡି ଯାହା କରିଥିଲା, ଏହା ସମ୍ପୂର୍ଣ୍ଣ ର୍ ରୂପେ ଭୁଲ ଥିଲା । ଏହି ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହୋଇଥିବା କହିଛନ୍ତି ବଦ୍ରୀ ।ଏଥିସହ ଧାର କରି ନେତାଙ୍କୁ ଆଣିବା ଭୁଲ ହୋଇଛି, ଯାହାର ପ୍ରତିଶୋଧ ବିଜେପି ତାର ସାଂସଦଙ୍କୁ ନେଇ ପୁରା କରୁଥିବା ବଦ୍ରୀଙ୍କ କଥାରୁ ସ୍ପଷ୍ଟ ହେଉଛି । ତେଣୁ ରାଜନୀତିରେ ଆଦର୍ଶଗତ ପ୍ରଭେଦ ଥିବା ନେତାଙ୍କୁ ନେବା ଦଳ ପାଇଁ ଶୁଭ ନୁହେଁ । ଏହି କାମର ପରିଣାମ ଆଗରୁ ବିଜେଡି ଭୋଗିଛି । ଏବେ ବିଜେପି ସେହି ବାଟରେ ଥିବାରୁ ସେହି କାମରୁ ବାଦ ପଡିବାକୁ ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ପରୋକ୍ଷରେ କହିଛନ୍ତି ବଦ୍ରୀପାତ୍ର ।

## ଦାଦାଙ୍କୁ ଉଭୟ ସକାଳ ଓ ସନ୍ଧ୍ୟାର ଅନୁଭବ ଅଛି, ଅଜିତଙ୍କୁ କହିଲେ ଏକନାଥ; ସମସ୍ତେ ହସି ହସି ଗଡିଗଲେ



ଭୁବନେଶ୍ୱର,୪।୧୨(ପି.ଏନ): ଗୁରୁବାର (ଆସନ୍ତାକାଲି) ସନ୍ଧ୍ୟା ସାଢ଼େ ୫ଟାରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବିଜେପି ନେତା ଦେବେନ୍ଦ୍ର ଫଡନାବିସ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏ କଥା ଘୋଷଣା କରିବା ସହିତ ୧୧ ଦିନ ଧରି ଲାଗି ରହିଥିବା ସସପେନ୍ସର ପରିସମାପ୍ତି ଘଟିଛି। ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ଶିବ ସେନା ନେତା ଏକନାଥ ସିନ୍ଦେଙ୍କ ମନ୍ତବ୍ୟକୁ ନେଇ ହାସ୍ୟରୋଳ ସ୍ଥିତି ସୃଷ୍ଟି ହୋଇଥିଲା ।ଏକନାଥ ସିନ୍ଦେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନା ନାହିଁ ବୋଲି ପ୍ରଶ୍ନ କରାଯିବାରେ ସେ ଏହାର କିଛି ସ୍ପଷ୍ଟ ଉତ୍ତର ରଖି ନଥିଲେ। ସେ କହିଥିଲେ, ଦେବେନ୍ଦ୍ରଜୀ କହିଲେ। ମୁଁ ବି କହୁଛି, ଟିକେ ଅପେକ୍ଷା କରନ୍ତୁ। ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। କାଲି ଶପଥ ନେବାର ଅଛି ।ଏକନାଥ ଏତିକି କହିବା ପରେ ମଝିରେ ନିଜର ପ୍ରତିକ୍ରିୟା ରଖିଥିଲେ ପାଖରେ ବସିଥିବା ଏନ୍‌ସିପି ନେତା ଅଜିତ ପାୱାର। ସେ କହିଥିଲେ, ତାଙ୍କୁ (ଏକନାଥ ସିନ୍ଦେ) ସନ୍ଧ୍ୟା ହେଲା ବେଳକୁ ବୁଝାପଡିବ। କିନ୍ତୁ ମୁଁ ଆସନ୍ତାକାଲି ଶପଥ ନେବି।

## ଝରକା ତାଡୁଥିଲେ, ଭୁଶୁଡିଲା ଛାତ: ଜଣେ ନାବାଳକ ମୃତ, ଅନ୍ୟ ଜଣେ ମେଡିକାଲ୍‌ରେ



ଭୁବନେଶ୍ୱର,୪।୧୨(ପି.ଏନ): ପରିତ୍ୟକ୍ତ ଘରର ଝରକା ତାଡୁଥିବା ବେଳେ ଭୁଶୁଡି ପଡିଲା ଛାତ। ଆଉ ସେହି ଛାତ ତଳେ ଚାପି ହୋଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଆଜି ଏପରି ହୃଦୟବିଦାରକ ଘଟଣା ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ଘଟିଛି। ଡାବୁଗାଁ ସଦର ହାଟପଦା ସାହିଠାରୁ ଅଳ୍ପ ଦୂରରେ ରହିଛି ଗୋଟିଏ ମୋବାଇଲ୍ ଟାୱାର୍। ସେହି ମୋବାଇଲ ଟାୱାର୍ ପାଖରେ ଥିବା ବିଶ୍ରାମ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ପଡିଥିଲା। ମୋବାଇଲ୍ ଟାୱାର୍‌ଟି କାର୍ଯ୍ୟକ୍ଷମ ନଥିବାରୁ ବିଶ୍ରାମ ଗୃହରେ କେହି ରହୁନଥିଲେ। ଆଜି ସକାଳେ ହାଟପଦା ସାହିର ମହେଶ ଗୌଡ ଓ ଉମା ଜାନୀ ନାମକ ଦୁଇ ନାବାଳକ ମୋବାଇଲ୍ ଟାୱାର୍ ବିଶ୍ରାମ ଗୃହ ଝରକା ଭାଙ୍ଗି ରଡ୍ ବାହାର କରୁଥିବା ଅଭିଯୋଗ ହୋଇଥିଲା।

## ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନେଇ ଆମେରିକା ଚିନ୍ତିତ

ୱାଶିଂଟନ,୪।୧୨(ପି.ଏନ): ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଥିବା ମଧ୍ୟରେ ଆମେରିକା ଧାର୍ମିକ ସ୍ୱାଧୀନତା ତଥା ମାନବିକ ଅଧିକାର ପ୍ରତି ସମ୍ମାନ ସମ୍ପର୍କରେ ଆହ୍ୱାନ କରିଛି। ବାଂଲାଦେଶରେ ସଂଖ୍ୟାଲଘୁ ବିଶେଷ କରି ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତ ଉଦ୍ ?ବେଗ ପ୍ରକାଶ କରିଛି ।ଆମେରିକାର ବୈଦେଶିକ ବିଭାଗର ଉପମୁଖପାତ୍ର ବେଦାନ୍ତ ପଟେଲ ୱାଶିଂଟନରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରିବା ସମୟରେ କହିଛନ୍ତି ଯେ ଆମେ ସ୍ପଷ୍ଟ ଯେ ମୌଳିକ ସ୍ୱାଧୀନତାକୁ ସମ୍ମାନ ଦିଆଯିବା ଆବଶ୍ୟକ। ପଟେଲ କହିଛନ୍ତି,ସରକାର ଆଇନ ଶୃଙ୍ଖଳା ପାଳନ କରିବା ସହ ନାଗରିକଙ୍କ ମାନବିକ ଅଧିକାରର ସୁରକ୍ଷା କରିବା ଆବଶ୍ୟକ । ଏହି ସମୟରେ, ଆମେରିକାର କଂଗ୍ରେସ କର୍ମୀ ବ୍ରାଡ ଶରମାନ ଏକ ବିବୃତିରେ କହିଛନ୍ତି, ହିନ୍ଦୁ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ତଥା ହଜାର ହଜାର ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହୋଇଥିବା ଆକ୍ରମଣ ତଥା ନିର୍ଯାତନାର ମୁକାବିଲା କରିବା ପାଇଁ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ରହିଛି।

## ଗୁଳିକାଣ୍ଡ ପଛରେ 'ଷଡ଼ଯନ୍ତ୍ର' ଥିବା କହିଲେ କେଜ୍ରିୱାଲ, ବର୍ଷିଲା ବିଜେପି



ଭୁବନେଶ୍ୱର,୪।୧୨(ପି.ଏନ): ଶିରୋମଣି ଅକାଳୀ ଦଳ ନେତା ତଥା ପଞ୍ଜାବର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରକୁ ଗୁଳିମାଡ଼ ଉଦ୍ୟମକୁ ନେଇ ଜୋର ଧରିଛି ରାଜନୀତି। ବିଶେଷ କରି ଦିଲ୍ଲୀ ଓ ପଞ୍ଜାବରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ମୁହାଁମୁହିଁ ହୋଇଛନ୍ତି ଆମ୍ ଆଦମୀ ପାର୍ଟି ଓ ବିଜେପି। ସେପଟେ ସୁଖବୀର ବାଦଲଙ୍କୁ ହତ୍ୟା ଉଦ୍ୟମ ପଛରେ ପଞ୍ଜାବ ଓ ପଞ୍ଜାବୀମାନଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଉଥିବା ଅଭିଯୋଗ ଆଣିଛନ୍ତି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ।ଦିଲ୍ଲୀ ବିଧାନସଭାରେ ବକ୍ତବ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ କହିଛନ୍ତି, 'ଆଜି ପଞ୍ଜାବର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଖବୀର ବାଦଲଙ୍କୁ କେହି ଜଣେ ଗୁଳି କରି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ହେଲେ ପଞ୍ଜାବ ପୁଲିସର ସତର୍କତା କାରଣରୁ ଏକ ବଡ଼ ଅଘଟଣ ଟଳିଯାଇଛି। ସୁଖବୀର ବାଦଲ ସଂପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। ମୁଁ ଏହି ଘଟଣାକୁ ଦୃଢ଼ ନିନ୍ଦା କରୁଛି। ହେଲେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ପଞ୍ଜାବ ଓ ପଞ୍ଜାବୀ ମାନଙ୍କୁ ବଦନାମ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହେଉଛି। ଏବଂ ଏହା ପଛରେ କିଛି ବଡ଼ ଶକ୍ତି କାମ କରୁଛି।'

## କମ୍ପାନୀଙ୍କୁ ହଜାର ହଜାର କୋଟି ଛାଡ, ଜନତାଙ୍କ ଉପରେ ଅନ୍ଧାର ମାଡ



ଭୁବନେଶ୍ୱର,୪।୧୨(ପି.ଏନ): ସାଧାରଣ ଜନତାଙ୍କର ବିଦ୍ୟୁତ୍ ବାକିରେ କଟାଯାଉଛି ବିଦ୍ୟୁତ ସଂଯୋଗ । ହେଲେ ଏଠି ୪ କମ୍ପାନୀ ଉପରେ ବାକି ପଡିଛି ସାଢେ ୬ ହଜାର କୋଟିର ବାକି । ଏହି ତଥ୍ୟ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ । ବୁଧବାର ବିଧାନସଭାରେ ଏହି ରିପୋର୍ଟ ଉପସ୍ଥାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ।୪ କମ୍ପାନୀ ଉପରେ ୬୫୮୭ କୋଟି ଟଙ୍କା ବାକି ରହିଛି । ସେସୁ ଉପରେ ୨୬୫୧ କୋଟି ଟଙ୍କା ବାକି ରଖିଛି । ସେହିପରି ନେକ୍‌ସୋ ୯୫୧ କୋଟି, ଓସ୍କର ୧୬୭୭ କୋଟି, ସାଉଥକୋ ଉପରେ ରହିଛି ୧୩୦୦ କୋଟି ଟଙ୍କାର ବାକି ବିଦ୍ୟୁତ୍। ତେବେ ଟାଟା ବିଦ୍ୟୁତ ସଂଯୋଗରେ ଏଣ୍ଟ୍ରି କରିବା ପରେ ଗ୍ରୀଡକୋ ତାର ବକେୟା ଟଙ୍କା ପଇଠ କରୁଛି ।ଏଠାରେ ଉଲ୍ଲେଖଯୋଗ୍ୟ କି, ଏହି ୪ଟି ବାକି ରଖିଥିବା କମ୍ପାନୀ ପୂର୍ବରୁ ବିଜେଡି ସରକାର ଅଧୀନରେ ରହିଥିଲା । ୧୨ ବର୍ଷ ଧରି ସେସ୍କ ?, ମେସ୍କ, ଓସ୍କ ଓ ସାଉଥ କୋ ସରକାରଙ୍କ ଅଧୀନରେ ରହିଥିଲା । ଏହି କମ୍ପାନୀଙ୍କ ଉପରେ ୬,୫୮୭ କୋଟି ଟଙ୍କା ବାକି ରହିଛି । ଏହି ଟଙ୍କା ଉପରେ ନା ଗ୍ରୀଡ କର୍ପୋରେସନର ନଜର ଥିଲା ନାହିଁ ଥିଲା ସରକାରର ନଜର । ହେଲେ ସାଧାରଣ ଜନତାଟିର ବିଦ୍ୟୁତ୍ ବିଲ ମାସରେ ଦୁଇମାସ ହେଲେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଛି । ତେବେ କାହିଁକି ଏତେ ଅନୁକମ୍ପା ଥିଲା ସେହି କମ୍ପାନୀଙ୍କୁ ?








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ । ଉକ୍ତ ହୋଟେଲରେ




ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି । ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି । ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି । ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି । ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ । ‘ହେନ ନା’ ଅର୍ଥ ଅଲୌକିକ । ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ । ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି । ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ । ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍ । ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ । କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ । ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ । ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି । ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# ବନ୍ୟଜନ୍ତୁ ସଂରକ୍ଷଣ

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଂଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ରବର୍ଣ୍ଣ ବନଭୂମିରେ ବନ୍ୟ ପଶୁପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ। ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ,



ସରୀସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡ଼ିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀ ମାନଙ୍କ ଅହେତୁକ ଶିକାରପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିର ବହୁବିଧ ବନ୍ୟଜନ୍ତୁ ବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମ ଆଦି, ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟଙ୍କୁ ବାଟ ଦେଖାଇଥାଆନ୍ତି। ଶିକାରୀମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେଠାରୁ ସତର୍କ




ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ।

ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହୋଇଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତବର୍ଷରେ ୧୦୪ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ km2 ଓ ୫୬୬ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ km2 ଅଟେ। ସମୟକ୍ରମେ ଏସବୁର ବୃଦ୍ଧି ଘଟୁଛି। ଓଡ଼ିଶାର




୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତବର୍ଷରେ ୫୨ଟି ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ଏବଂ ୩୨ଟି ହାତୀ ସଂରକ୍ଷଣ ଅଭୟାରଣ୍ୟ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ (ER), ମହାନଦୀ (ER) ସମ୍ବଲପୁର (ER) ଓ ଚନ୍ଦକା ହାତୀ ଅଭୟାରଣ୍ୟ ରହିଛି। କେନ୍ଦ୍ର ସରକାର ବନ୍ୟଜନ୍ତୁମାନଙ୍କ ସୁରକ୍ଷା ପାଇଁ The Indian Board For Wildlife ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଣଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭୟାରଣ୍ୟ, ଗୁଜରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତ୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁରଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗା ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଓଳଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୁଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଡାନ୍ତ ପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେଗୁଡ଼ିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗଉଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର, ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି। ପଶ୍ଚିମବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସ କରନ୍ତି। ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଂଚଳ (ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ୍ୟପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନଗତ ପଦକ୍ଷେପ, ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତବ୍ୟପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇପାରିବ।

# ରତ୍ନାବଳୀ ଶକ୍ତିପୀଠ, ପଶ୍ଚିମବଙ୍ଗ



ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ "ରତ୍ନାବଳୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲାର ଖାନକୁଲ-କୃଷ୍ଣନଗର ରତ୍ନାକର ନଦୀ କୂଳରେ ଏହି ମନ୍ଦିର ଅବସ୍ଥିତ। ଏହା "ରତ୍ନାବଳୀ ଶକ୍ତିପୀଠ" ଭାବରେ ପରିଚିତ। ତେବେ "ରତ୍ନାବଳୀ ଶକ୍ତିପୀଠ"ର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି। ଅର୍ଥାତ୍ ଶକ୍ତିପୀଠର ସଠିକ୍ ସ୍ଥାନ ଅଜ୍ଞାତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ




ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ



ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ରତ୍ନାବଳୀ ଶକ୍ତିପୀଠ"ରେ ମାତା ସତୀଙ୍କର ଡ଼ାହାଣ କାନ୍ଧ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'କୁମାରୀ' ରୂପରେ ପୂଜା କରାଯାଏ ଏବଂ ଭଗବାନ ଶିବଙ୍କୁ 'ଭୈରବ'



ରୂପରେ ପୂଜା କରାଯାଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ନବରାତ୍ର ସମୟରେ ଏଠାକାର ପରିବେଶ ଖୁବ୍ ଆକର୍ଷକ ଓ ଶକ୍ତିମୟ ହୋଇଯାଏ। ଏହି ସମୟରେ ମନ୍ଦିର ପ୍ରାଙ୍ଗଣରେ ଶକ୍ତିଙ୍କୁ ଆରାଧନା କରାଯାଏ। ଏହି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମାତାଙ୍କ ଦର୍ଶନ ପାଇଁ ଏକତ୍ରିତ ହୁଅନ୍ତି।

**କେମିତି ଯିବେ:** (୧) ନିକଟସ୍ଥ ରେଳ ଷ୍ଟେଷନ୍ ଠାରୁ ମାତ୍ର ୭୩.୬ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। (୨)ନିକଟସ୍ଥ ନେତାଜୀ ସୁବାଶଚନ୍ଦ୍ର ବିମାନ ବନ୍ଦର ଠାରୁ ମାତ୍ର ୭୭.୮ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। ପ୍ରତିଦିନ ମନ୍ଦିର ସକାଳ ୫.୩୦ରୁ ଖୋଯାଏ ଓ ରାତି ୧୦ଟାରେ ବନ୍ଦ ହୁଏ।

## ଉତ୍କଳମଣି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗ ଅତୁଳନୀୟ

ରାଉରକେଲା (ପିଏନ୍): ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସେବା ଓ ତ୍ୟାଗ ଅତୁଳନୀୟ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି। ଗତ ୯ ତାରିଖରେ ପଣ୍ଡିତଜୀଙ୍କ ଜନ୍ମଜୟନ୍ତୀ ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ଉପସଭାପତି ଯଜ୍ଞେଶ୍ୱର ବାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତଜୀଙ୍କ ସ୍ମୃତିଚାରଣ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ସ୍ଥାନୀୟ ଗୋପବନ୍ଧୁପାଲ୍ଲୀଠାରେ ଅବସ୍ଥିତ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଶ୍ରଦ୍ଧାଂଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବାବୁ ଯୋଗଦେଇ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ଶ୍ରୀ ବାବୁ ତାଙ୍କ ବକ୍ତବ୍ୟରେ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଉଲ୍ଲେଖ କରି ତାଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ ବୋଲି କହିଥିଲେ। ତାଙ୍କ ସେବା, ତ୍ୟାଗ ଓ ସଂଘର୍ଷର କାହାଣୀକୁ ଅନୁଶୀଳନ କଲେ ସେ ଉତ୍କଳମଣି କାହିଁକି ଭାରତମଣି ପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଥିଲେ। ତେଣୁ ତାଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି କଂଗ୍ରେସ କର୍ମୀମାନେ ନିଷ୍ଠାର ସହିତ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କଲେ ସେମାନଙ୍କ ନେତୃତ୍ୱ ବିକଶିତ ହେବା ସହିତ କଂଗ୍ରେସକୁ ସାଧାରଣ ଲୋକଙ୍କ ଆସ୍ଥାଭାଜନ କରାଇପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, ସବୀର ହୁସେନ ଓ ରବି ରାୟ, ଜିଲ୍ଲା କଂଗ୍ରେସର ମୁଖପାତ୍ର ଆର୍‌ପି ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ ସଭାପତି ସୁନୀଲ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗମ, ଦିଲ୍ଲୀପ ଜେନା, ଗୀତା ସିଂହ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ରେହେମାନ ଖାନ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ସେକ ସମୀର, ସେବାଦଳର ବୁଲୁ ଦାସ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତଜୀଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଥିବା ବେଳେ ଉପସଭାପତି କୀର୍ତ୍ତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଶ୍ୟାମସୁନ୍ଦର ସାମନ୍ତ, ବିବେକ ସାହୁ, ପ୍ରଦୀପ ବେହେରା, ଧର୍ମେନ୍ଦ୍ର ସିଂହ, ଓବିସି ଅଧକ୍ଷ ତ୍ରୈଲୋଚନ ସାହୁ, ଇନ୍‌ଟକ ଅଧକ୍ଷ ନିହାର ଦାସ, ବିପିନ ଠାକୁର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ପୁରୁଣା ଗଳିପୋଲ କାନ୍ଥ ଭାଙ୍ଗୁନି ଠିକାସଂସ୍ଥା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାର ପୁରୁଣା ଗଳିପୋଲ କାନ୍ଥକୁ ଭାଙ୍ଗି ପାରୁନି ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କରୁଥିବା ଡିବିଏଲ୍ ଠିକାସଂସ୍ଥା। ଫ୍ଲାଇ ଓଭର ସରିବାକୁ ବସିଲାଣି, ହେଲେ ପୁରୁଣା କାନ୍ଥ କେବେ ଭଙ୍ଗା ହେବ ଏହାର ଉତର କାହା ପାଖରୁ ମିଳୁନି। ତେବେ ଉକ୍ତ କାନ୍ଥ ଅତ୍ୟନ୍ତ ମଜବୁତ ହୋଇଥିବାରୁ ଠିକାସଂସ୍ଥା ଏହାକୁ କୁଆଡ଼େ ଭାଙ୍ଗି ପାରିଲା ନାହିଁ। ଏପରିକି ଏହା ଭଙ୍ଗାଯିବନାହିଁ ବୋଲି ନିଷ୍ପତି ହୋଇଥିବା ଚର୍ଚ୍ଚା ହେଉଛି। ନୂଆ କାନ୍ଥ ପାଖରେ ଅନ୍ୟ ଏକ ପୁରୁଣା ଭଙ୍ଗା



କାନ୍ଥ ଥିବାରୁ ଏହା ଅସୁନ୍ଦର ଦେଖାଯାଉଛି। କାମ ସଂପୂର୍ଣ୍ଣ ହେବା ପୂର୍ବରୁ ପୁରୁଣା କାନ୍ଥକୁ ଭାଙ୍ଗିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏପଟେ ତିନିବର୍ଷ ହେଲା ଜାରକା ବଜାର ଅଞ୍ଚଳରେ ନା' ସରି ପାରୁଛି ଜାତୀୟ ରାଜପଥ ସଂପ୍ରସାରଣ, ନା' ଶେଷ ହେଉଛି ଫ୍ଲାଇ ଓଭର ନିର୍ମାଣ! ସେହିପରି ନିକଟରେ ଅନ୍ୟ ଏକ ଗଳିପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ବନ୍ଦ ହୋଇ ପଡ଼ିଛି। ଏହା ଖୋଲାଗଲେ ଅଞ୍ଚଳବାସୀ ଓ ବ୍ୟବସାୟୀମାନଙ୍କ ଯାତାୟାତରେ ସୁବିଧା ହେବା ସହିତ ବ୍ୟବସାୟ ବୃଦ୍ଧି ହୋଇପାରନ୍ତା ବୋଲି କୁହାଯାଉଛି। ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ମୁଖ୍ୟ ରାସ୍ତା ବଦଳରେ ଦୁଇବର୍ଷ ହେଲା ଆପ୍ରୋଚ୍ ରୋଡ୍‌ରେ ଗାଡିମୋଟର ଚଳପ୍ରଚଳ କରୁଛି। ଟିକେ ଅସାବଧାନ ହେଲେ ଜୀବନ ଚାଲିଯିବାର ଭୟ। ସ୍କୁଲ୍, କଲେଜ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜପଥ ପାର ହେବା ବଡ଼ ସମସ୍ୟା ସୃଷ୍ଟି କରିଛି। ନିର୍ମାଣାଧୀନ ଫ୍ଲାଇ ଓଭର ନିକଟରେ ଠିକାସଂସ୍ଥା କର୍ମଚାରୀ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିଲେ ମଧ୍ୟ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି। ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍‌ଠାରୁ ରଥିଆ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଏବେ ମୃତ୍ୟୁଯନ୍ତା ପାଲଟିଛି। ସେହିପରି ଅଣଚଉଡ଼ା ଆପ୍ରୋଚ୍ ରୋଡ୍ ଏବେ ବସଷ୍ଟାଣ୍ଡ୍ ପାଲଟିଛି। ଦୁଇ ଲାଇନ୍‌ରେ ଗାଡ଼ି ଚାଲିଥିବାରୁ ଅପେକ୍ଷାରତ ବସ୍‌ଯାତ୍ରୀମାନଙ୍କୁ ଠିଆ ହେବାପାଇଁ ଜାଗା ଟିକେ ମିଳୁନାହିଁ। ଯାତ୍ରୀ ନେବା ପାଇଁ କିମ୍ବା ଓହ୍ଲାଇବା ପାଇଁ ବସ୍‌ଟିଏ ରାସ୍ତା ଉପରେ କିଛିକ୍ଷଣ ଛିଡ଼ା ହୋଇଗଲେ ସାଙ୍ଗେ ସାଙ୍ଗେ ପଛକୁ ପଛ ଗାଡିମୋଟରର ଲମ୍ବା ଲାଇନ୍ ଲାଗିଯାଉଛି। ଅସଂଖ୍ୟ ଗାଡିମୋଟର ଚଳାଚଳ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କେଉଁଠି ବସ୍‌ଷ୍ଟାଣ୍ଡ ହେବ ତାହା ମଧ୍ୟ ନିଷ୍ପତି ହୋଇପାରିନାହିଁ। ବିଶ୍ରାମାଗାର କିମ୍ବା ପରିସ୍ରାଗାର ନଥିବାରୁ ମହିଳା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ରାଜପଥ ନିର୍ମାଣ ଓ ଜାରକା ଫ୍ଲାଇ ଓଭର କେବେ ସରିବ ଏବଂ ଏମିତି ବିପଦରେ ଲୋକେ କେତେଦିନ ଯାତାୟାତ କରୁଥିବେ, ଏହାକୁ ନେଇ ଅଞ୍ଚଳବାସୀ ସନ୍ଦିହାନ ଅଛନ୍ତି। ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଡିସେମ୍ବର ୫

# ପଣ୍ଡୁ ପୂର୍ଣ୍ଣିମା


ବିପିନ ବିହାରୀ ରାଉତ

ଓଡ଼ିଆ ପରମ୍ପରା ସହ ଜଡ଼ିତ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ପଣ୍ଡୁ ପୂର୍ଣ୍ଣିମା । ଏହା ମାର୍ଗଶୀର ମାସ ପୂର୍ଣ୍ଣିମାରେ ପଡ଼ିଥାଏ । ଓଡ଼ିଆ ଜାତିର ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କ ପାଇଁ ଏହି ପର୍ବର ମହତ୍ତ୍ୱ ଅନେକ । ସେଥିପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରେ ପଣ୍ଡୁ ପୂର୍ଣ୍ଣିମାକୁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବର ମାନ୍ୟତା ଦିଆଯାଏ । ଭଗବାନ ବିଷ୍ଣୁ ଦୁଇ ପ୍ରମୁଖ ଅବତାର ପ୍ରଭୁ ଶ୍ରରାମ ଓ ଶ୍ରୀକୃଷ୍ଣ ଏହି ଦିବସରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଉଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ସେଥିପାଇଁ ପରମ୍ପରା ସହ ଜଡ଼ିତ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ପଣ୍ଡୁ ପୂର୍ଣ୍ଣିମାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇଥାନ୍ତି । ପଣ୍ଡୁ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ନୂତନ ରେଶମ ବସ୍ତ୍ର ପରିଧାନ କରି ଭକ୍ତମାନଙ୍କୁ ଦର୍ଶନ ଦେଉଥାନ୍ତି । ପଣ୍ଡୁ ପୂର୍ଣ୍ଣମୀରେ ପଣ୍ଡୁ-ନୃସିଂହ ବିଜେ ହୋଇଥାନ୍ତି । ସକାଳ ଧୂପ ଗଡ଼ିବା ପରେ ମହାଜନେ ବା ପୁଷ୍ପାଳକ ସେବାୟତମାନେ ସିଂହାସନରେ ଉଠି ମଇଲମ ଓ ବେଶ କରିଥାନ୍ତି ଏବଂ ଆଜ୍ଞାମାଳ ଖଣ୍ଡେ ଲାଗି କରାନ୍ତି । ମଧ୍ୟାହ୍ନ ଧୂପ ପରେ ଦକ୍ଷିଣ ଘର ଭୋଗ ସରିଲେ ମହାଜନେ ଦକ୍ଷିଣ ଘରୁ ପଣ୍ଡୁ-ନୃସିଂହଙ୍କୁ ସିଂହାସନକୁ ବିଜେ କରାନ୍ତି । ତପ୍ରେ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ଉପବିଷ୍ଟ କରାନ୍ତି । ଏହାପରେ ବିମାନବଡୁମାନେ ଆଶ୍ରମ ଭ୍ରମଣ କରାଇ ବଡ଼ ଦେଉଳକୁ ଆଣନ୍ତି ଏବଂ ମହାଜନେ ରୁଦ୍ଧା ଫିଟାଇ ଦକ୍ଷିଣ ଘରକୁ ବିଜେ କରାନ୍ତି । ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ପଣ୍ଡୁ ପୂର୍ଣ୍ଣିମା ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର ଏବଂ ତାଙ୍କ ପିତା ପଣ୍ଡୁ ମହାରାଜଙ୍କୁ ଅର୍ପିତ ବୋଲି ମଧ ବିଶ୍ୱାସ କରାଯାଏ । ପୁତ୍ରର ଆୟୁଷ କାମନା ମହିଳାମାନେ ଯମରାଜଙ୍କୁ ପୂଜା କରିବାର ବିଧି ମଧ ରହିଛି । ଭଉଣୀମାନେ ସେମାନଙ୍କ ଭାଇଙ୍କ ପାଇଁ ପଣ୍ଡୁ ଓଷା କରିବାର ମଧ ପରମ୍ପରା ରହିଛି । ପଣ୍ଡୁଓଷାକୁ ନେଇ ଏକ କିମ୍ବଦନ୍ତୀ ରହିଛି । ବହୁବର୍ଷ ପୂର୍ବେ କଳିଙ୍ଗରେ ରାଜୁତି କରୁଥିବା ରାଜାଙ୍କ କୌଣସି ସନ୍ତାନ ସନ୍ତିତ ହେଉନଥିଲା । ରାଜା ଓ ରାଣୀ ପଣ୍ଡୁ ଓଷା କରିବା ପରେ ପୁତ୍ର ସନ୍ତାନ ଲାଭ କରିଥିଲେ । ମଧ୍ୟାହ୍ନ ଧୂପ ପରେ ଦକ୍ଷିଣ ଘର ଭୋଗ ସରିଲେ ମହାଜନେ ଦକ୍ଷିଣ ଘରୁ ପଣ୍ଡୁ-ନୃସିଂହଙ୍କୁ ସିଂହାସନକୁ ବିଜେ କରାନ୍ତି । ତପ୍ରେ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ଉପବିଷ୍ଟ କରାନ୍ତି । ଏହାପରେ ବିମାନବଡୁମାନେ ଆଶ୍ରମ ଭ୍ରମଣ କରାଇ ବଡ଼ ଦେଉଳକୁ ଆଣନ୍ତି ଏବଂ ମହାଜନେ ରୁଦ୍ଧା ଫିଟାଇ ଦକ୍ଷିଣ ଘରକୁ ବିଜେ କରାନ୍ତି । ଏହି ସ୍ୱତନ୍ତ୍ର ନୀତି ଉପଲକ୍ଷେ ସହରର ୩୯ଟି ସ୍ଥାନରେ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ତରଫରୁ ପନ୍ତି ଭୋଗ ହୋଇଥାଏ । ଏହି ଅବସରରେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବଳ ଜନ-ସମାଗମ ହୋଇଥାଏ । ଚଳିତ ବର୍ଷ ଏହି ପଣ୍ଡୁ ପୂର୍ଣ୍ଣିମା ଗୁରୁବାର ପଡୁଥିବାରୁ ଏହାର ଆଧ୍ୟାତ୍ମିକ ମହକ ଆହୁରି ବଢ଼ିଯିବ। ଉତ୍କଳୀୟ ଚେତନାରେ ପଣ୍ଡୁ ପୂର୍ଣ୍ଣିମାର ସ୍ୱତନ୍ତ୍ରତା ଯୁଗେ ଯୁଗେ ରହି ଆସିଛି।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*

# ଗୀତା ଜୟନ୍ତୀ


ଯଶସ୍ୱିନୀ ପଟ୍ଟନାୟକ

ଆମ ଦେଶର ଅନେକ ଅଞ୍ଚଳରେ ପ୍ରଚଳିତ ପାରମ୍ପରିକ ହିନ୍ଦୁ ପଞ୍ଜିକା ଅନୁଯାୟୀ ମାର୍ଗଶୀର ଶୁକ୍ଳ ପକ୍ଷ ଏକାଦଶୀରେ ପାଳିତ ହୁଏ ଗୀତା ଜୟନ୍ତୀ। ଗୀତା ଏକ ପୂଣ୍ୟ ଗ୍ରନ୍ଥ, ଯାହା ଘରେ ଘରେ ପରିଚିତ। ଏହାକୁ ପୂଜା କରିବାର ବିଧି ମଧ ରହିଛି। ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧଭୂମିରେ ଏହି ଗୀତା ଶଖା ଅର୍ଜୁନଙ୍କୁ ଶୁଣାଇଛନ୍ତି। ଆଜି ଦେଶରେ ଗୀତା ଜୟନ୍ତୀ ପାଳିତ ହେଉଛି। ଶ୍ରୀମଦ୍ ଭାଗବତ ଗୀତା ହେଉଛି ମହାଭାରତର ଅଂଶ। ଶ୍ରୀ ବ୍ୟାସଦେବ ହେଉଛନ୍ତି ଏହାର ସଙ୍କଳନ କର୍ତ୍ତା। ଶ୍ରୀକୃଷ୍ଣ ନିଜ ଉପଦେଶର ଅଧିକାଂଶ ଶ୍ଲୋକରେ ହିଁ କହିଥିଲେ ବ୍ୟାସଦେବ ତାହା ଅବିକଳ ଲିପିବଦ୍ଧ କରିଛନ୍ତି। ଯେଉଁ ଅଂଶ ସେ ଗଦ୍ୟରେ କହିଥିଲେ, ତାହା ବ୍ୟାସଦେବ ନିଜେ ଶ୍ଲୋକବଦ୍ଧ କହିଦେଇଛନ୍ତି, ତା'ସଙ୍ଗେ ସଙ୍ଗେ ସେ ଅର୍ଜୁନ, ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ବଚନକୁ ମଧ ନିଜ ଭାଷାରେ ଶ୍ଲୋକବଦ୍ଧ କରିଛନ୍ତି। ଗୀତାରେ ପ୍ରକୃତ ଶ୍ରୀକୃଷ୍ଣ କଥିତ ଶ୍ଲୋକ ସଂଖ୍ୟା ୬୨୦, ଅର୍ଜୁନ କଥିତ ଶ୍ଲୋକ ସଂଖ୍ୟା ୫୭, ସଞ୍ଜୟ କଥିତ ଶ୍ଲୋକ ସଂଖ୍ୟା ୬୭ ଏବଂ ଧୃତରାଷ୍ଟ୍ରଙ୍କ ଦ୍ୱାରା ଗୋଟିଏ ଶ୍ଲୋକ କଥିତ। ଏହି ୭୪୫ ଶ୍ଲୋକରେ ସଂପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ ଅଠର ଅଧ୍ୟାୟରେ ବିଭକ୍ତ କରି ମହାଭାରତର ଅଂଶ ଭାବେ ଯୋଗ କରିଛନ୍ତି।

ଗୀତାର ୧୮ଟି ଅଧ୍ୟାୟ ହେଉଛି ୧୮ଟି ଯୋଗ । ପ୍ରଥମ ୬ ଅଧ୍ୟାୟରେ ନିଷ୍କାମ କର୍ମଯୋଗ, ଦ୍ୱିତୀୟ ୬ ଅଧ୍ୟାୟରେ ଭକ୍ତିଯୋଗ ଏବଂ ଶେଷ ୬ ଅଧ୍ୟାୟରେ ଜ୍ଞାନଯୋଗ ବର୍ଣ୍ଣନା କରାଯାଇଛି ।ତେବେ, ଆମ ରାଜ୍ୟରେ ମାର୍ଗଶୀର ଶୁକ୍ଳ ପକ୍ଷ ତ୍ରୟୋଦଶୀରେ ଏହା ପାଳିତ ହୁଏ। କୁରୁକ୍ଷେତ୍ର ଯୁଦ୍ଧ ବେଳେ ଏହି ଦିନରେ ଭଗବାନ ଶ୍ରୀକୃଷ୍ଣ, ସଖା ଅର୍ଜୁନଙ୍କୁ ଗୀତା ଶୁଣାଇଥିବା ବିଶ୍ୱାସ କରାଯାଏ। ସେ ମାତ୍ର ଦୁଇ ମୁହୂର୍ତ୍ତରେ ବା ଛୟାନବେ ମିନିଟ୍ ମଧ୍ୟରେ ସବ୍ୟସାଚୀଙ୍କୁ ଗୀତାଜ୍ଞାନ ଦେଇଥିଲେ। ବ୍ରହ୍ମର୍ଷି ବଶିଷ୍ଠଙ୍କ କୃପାରୁ ରାଜା ଖଟ୍ୱାଙ୍ଗ ଏକ ମୁହୂର୍ତ୍ତ ବା ଅଠଚାଳିଶ ମିନିଟ୍‌ରେ, ଅଷ୍ଟାବକ୍ର ମୁନିଙ୍କ କୃପାରୁ ରାଜର୍ଷି ଜନକ ଏକ କ୍ଷଣ ବା ଚାରି ମିନିଟ୍‌ରେ ଦେବର୍ଷି ନାରଦଙ୍କ କୃପାରୁ ମହର୍ଷି ବେଦବ୍ୟାସ ଦୁଇ ପଳ ବା ଅଠଚାଳିଶ ସେକେଣ୍ଡରେ ଏହା ଲାଭ କରିଥିଲେ। ଏହି ଦିନରେ ମୋକ୍ଷଦା ଏକାଦଶୀ ପାଳନ କରାଯାଉଥିବାରୁ, ଅନେକ ହିନ୍ଦୁ ଉପବାସ ରଖନ୍ତି। ଗୀତା ଭଗବାନଙ୍କ ମୁଖ ନିଃସୃତ। ଏହା ପୃଥିବୀର ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ। ଏହା ଏପରି ଏକ ଧର୍ମଗ୍ରନ୍ଥ ଯାହାକୁ ଅନ୍ୟ ଧର୍ମାବଲମ୍ବୀମାନେ ମଧ ଶ୍ରଦ୍ଧାର ସହ ପାଠ କରନ୍ତି। ଏହି ତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥରେ ଯାହା କୁହାଯାଇଛି, ତାହାକୁ ଗ୍ରହଣା କରି ଜୀବନ ବଞ୍ଚିଲେ ମଣିଷ ଅବଶ୍ୟ ଜନ୍ମାଜନ୍ମାନ୍ତରର ବନ୍ଧନରୁ ମୁକ୍ତି ପାଇବ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,

# ମହାଯୋଗୀ ଶ୍ରୀ ଅରବିନ୍ଦ


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ଆଧାତ୍ମିକ କ୍ଷେତ୍ରକୁ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ଯୋଗଦାନ ଅଭୂତପୂର୍ବ । ବେଦ, ଉପନିଷଦ ସମେତ ଭାରତର ବିଭିନ୍ନ ଧର୍ମ ଗ୍ରନ୍ଥ ଅଧ୍ୟୟନ ଏବଂ ସେଗୁଡ଼ିକର ବ୍ୟାଖ୍ୟା କରି ନିଜ ଲେଖା ମାଧ୍ୟମରେ ସେ ଅନେକ କୃତି ଛାଡ଼ି ଯାଇଛନ୍ତି । ଯୋଗସାଧନା ଉପରେ ସେ ମୌଳିକ ଗ୍ରନ୍ଥ ରଚନା କରିଛନ୍ତି । ବିଶ୍ୱ ଦର୍ଶନ ଶାସ୍ତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ସମଗ୍ର ବିଶ୍ୱରେ ମହାଯୋଗୀଙ୍କ ସାଧନାର ବହୁ ଅନୁଗାମୀ ରହିଛନ୍ତି । ଶ୍ରୀଅରବିନ୍ଦଙ୍କ ବାଣୀ ଏବଂ ତାଙ୍କ ଦର୍ଶନ ଯୁଗ ଯୁଗ ଧରି ପ୍ରାସଙ୍ଗିକ ହୋଇ ରହିବ । ଏହି ମହାଗୁରୁ ବିଦେଶରୁ ଶିକ୍ଷା ଲାଭ କରିବା ସହ ସେ ଇଂରାଜୀ, ଜର୍ମାନ୍, ଫ୍ରେଞ୍ଚ, ଇଟାଲି ଆଦି ଭାଷାରେ ନିପୁଣତା ପ୍ରାପ୍ତ କରିଥିଲେ । ସେ ସଫଳତା ପୂର୍ବକ ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ସବୁ ସଫଳତା ହାସଲ କରିବା ପରେ ବ୍ରିଟିଶ ସରକାର ଅଧିନରେ ଚାକିରୀ କରିବା ପରିବର୍ତ୍ତେ ସେ ଦେଶମାତୃକାରେ ସେବାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୮୭୨, ଅଗଷ୍ଟ ୧୫- ସମଗ୍ର ଭାରତବାସୀଙ୍କ ପାଇଁ ଏକ ଗୌରବର ଦିବସ । ଏହି ଦିନ କେବଳ ଭାରତ ସ୍ୱାଧୀନ ହୋଇଥିଲା ତାହା ନୁହେଁ ବରଂ ଭାରତମାତାର ଜଣେ ଯୋଗ୍ୟତମ ସନ୍ତାନର ଏ ଧରା ପୃଷ୍ଠରେ ଆବିର୍ଭାବ ଘଟିଥିଲା । ଏଣୁ ପ୍ରତିବର୍ଷ ଭାରତବାସୀ ପରମ ଶ୍ରଦ୍ଧାରେ ଏକାଧାରରେ ସ୍ମରଣ କରିବେ ଯେ, ଏହି ଦିବସରେ ହୋଇଥିଲା ଭାରତର ସ୍ୱାଧୀନତା ଅଭ୍ୟୁଦୟ ଓ ସ୍ୱାଧୀନତାର ଅଗ୍ରଦୂତ ଶ୍ରୀ ଅରବିନ୍ଦଙ୍କ ଅଭ୍ୟୁଦୟ । ଶ୍ରୀ ଅରବିନ୍ଦ ପିତାମାତା ତାଙ୍କୁ ଆଦରରେ 'ଅରୋ' ବୋଲି ଡାକୁଥିଲେ । ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ । ତାଙ୍କ ବଡ଼ଭାଇଙ୍କ ନାମ ବିନୟ ଭୂଷଣ ଓ ମନ ମୋହନ । ଶ୍ରୀ ଅରବିନ୍ଦଙ୍କ ଜନ୍ମ ପରେ ଜନ୍ମଗ୍ରହଣ କରିଥିଲେ ଭଉଣୀ ସରୋଜିନୀ ଓ ସାନଭାଇ ବାରୀନ୍ଦ୍ର କୁମାର । ଡ. କୃଷ୍ଣଧନ ଘୋଷ ନିଜ ପିଲାମାନଙ୍କୁ ପାଶ୍ଚାତ୍ୟ ଶୈଳୀରେ ଗଢ଼ି ତୋଳିବାକୁ ଚାହୁଁଥିଲେ । ଅପରପକ୍ଷେ ସ୍ୱର୍ଣ୍ଣଲତା ଦେବୀ ଥିଲେ ଜଣେ ଧର୍ମପରାୟଣା, ଦେଶଭକ୍ତି, ଶିକ୍ଷିତା ନାରୀ। ଉଭୟଙ୍କ ଗୁଣାବଳୀ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥିଲା । କୃଷ୍ଣଧନ ଶ୍ରୀ ଅରବିନ୍ଦଙ୍କ ଲାଳନପାଳନ ଦାୟିତ୍ୱ ଜଣେ ଇଂରେଜ ଧାଈଙ୍କୁ ସମର୍ପି ଦେଲେ । ଅତି ଛୋଟ ବୟସରୁ ସେ ମାତୃସ୍ନେହରୁ ବଞ୍ଚିତ ହେଲେ । ପିଲାଟି ଦିନରୁ ଶ୍ରୀ ଅରବିନ୍ଦ ମାତୃସ୍ନେହ ଓ ମାତୃଭାଷାର ସ୍ୱାଦ ପାଇପାରିନଥିଲେ ବୋଲି ପରବର୍ତ୍ତୀ ସମୟରେ ସେ ଭାରତକୁ ଭଲଭାବେ ଚିହ୍ନି ପାରିଥିଲେ । ତେଣୁ ସେ କହୁଥିଲେ - 'ଭାରତ ଏକ ଜଡ଼ ପଦାର୍ଥ, ମାଟି, କ୍ଷେତ୍ର, ବନ, ପର୍ବତ, ନଦୀକୁ ନେଇ ଗଠିତ ଭୂଗର୍ଭ ନୁହେଁ । ଏ ହେଉଛି ସ୍ୱୟଂ ଜଗଜ୍ଜନନୀ । ପାଞ୍ଚବର୍ଷ ବୟସରୁ ଅରୋଙ୍କ ବାଲ୍ୟଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ପ୍ରଥମେ ସେ ଲେରେଟୋ କନ୍‌ଭେଣ୍ଟ ସ୍କୁଲ, ଦାର୍ଜିଲିଂରେ ନାମ ଲେଖାଇଲେ । ସାତବର୍ଷ ବୟସରେ ତାଙ୍କୁ ଦେଶ ଛାଡ଼ି ଯିବାକୁ ପଡ଼ିଲା । ତାଙ୍କ ମାତାଙ୍କ ମସ୍ତିଷ୍କ ରୋଗ ଚିକିତ୍ସା ପାଇଁ ପିତା କୃଷ୍ଣଧନ ସପରିବାର ଯାଇ ମାଞ୍ଚେଷ୍ଟରରେ ରହିଲେ । ସେଠାରେ ଡ୍ରୁଟେ ଦମ୍ପତିଙ୍କ ତତ୍ତ୍ୱାବଧାନରେ ଶ୍ରୀ ଅରବିନ୍ଦଙ୍କ ପାଠପଢ଼ା ଚାଲିଲା । ଏହି ବୟସରୁ ହିଁ ତାଙ୍କ ପ୍ରତିଭାର ବିକାଶ ଘଟିଲା । ତାଙ୍କୁ ଯାହା ଶିକ୍ଷା ଦିଆଯାଉଥିଲା ସେ ସଙ୍ଗେ ସଙ୍ଗେ ସବୁ ଶିଖି ଦେଉଥିଲେ । ଶ୍ରୀ ଅରବିନ୍ଦ ଥିଲେ ଶାନ୍ତ ସ୍ୱଭାବର ଓ ବିଚକ୍ଷଣ ପ୍ରତିଭାର ଅଧିକାରୀ । ମାତ୍ର ଦଶବର୍ଷ ବୟସରୁ ଲାଟିନ୍ ଓ ଇଂରାଜୀ ଭାଷାରେ ସୁନ୍ଦର କବିତା ଲେଖିବାକୁ ଆରମ୍ଭ କଲେ । ଏଗାର ବର୍ଷ ବୟସରେ ସେ ଅନ୍ତରରେ ଅନୁଭୂତି ଲାଭ କଲେ ଯେ ସାରା ଜଗତ ପାଇଁ ତାଙ୍କୁ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ତେରବର୍ଷ ବୟସରେ ସେ ଲଣ୍ଡନ ଯାଇ ସେଣ୍ଟ ପଲ୍‌ସ ସ୍କୁଲରେ ଭର୍ତ୍ତି ହେଲେ । ସେଠାରେ ସେ ଗ୍ରୀକ୍ ଓ ଫରାସୀ ଭାଷା ଶିଖିଲେ । ଚଉଦ ବର୍ଷ ବେଳକୁ ସେ ଇଉରୋପରେ ଇଂରାଜୀ, ଲାଟିନ୍, ଗ୍ରୀକ୍, ଫରାସୀ, ଇଟାଲିୟାନ୍, ଜର୍ମାନୀ ଓ ସ୍ପେନି୍ ଏହି ପରି ସାତୋଟି ଭାଷାର ଅଧିକାରୀ ହୋଇ ସାରିଥିଲେ । ଏହି ସମୟରେ ତାଙ୍କୁ ନାନା ଦୁଃଖ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ଟଙ୍କା ଅଭାବରୁ ବେଳେ ବେଳେ ସେ ଭୋକ ଉପାସରେ ରହୁଥିଲେ । ଶୀତରେ ଘୋଡ଼େଇ ହେବାପାଇଁ ତାଙ୍କ ନିକଟରେ ଚଦରଟିଏ ନଥିଲା । ଶ୍ରୀ ଅରବିନ୍ଦ ଲଣ୍ଡନରେ ରହି ପାଠ ପଢୁଥିବା ସମୟରେ ତାଙ୍କ ପିତା କୃଷ୍ଣଧନ ତାଙ୍କ ଭିତରେ ଦେଶ ପ୍ରେମର ବୀଜପବନ କରିଥିଲେ । ସେ ସମୟରେ ଭାରତୀୟ ମାନଙ୍କ ପ୍ରତି ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ବିଷୟରେ ଚିଠି ଲେଖି ଜଣାଉଥିଲେ । ଏସବୁ ପଢ଼ି ଶ୍ରୀ ଅରବିନ୍ଦଙ୍କ ମନରେ ଦେଶପ୍ରେମର ଭାବ ଜାଗ୍ରତ ହେଲା । ଏହାଥିଲା ଦେଶ କାର୍ଯ୍ୟ ପାଇଁ ଆୟମାରମ୍ଭ । ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ସେ ତାଙ୍କ ସମଗ୍ର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପରାଧୀନତାର ରୁକ୍ଷ ମରୁଭୂମିରେ ସ୍ୱାଧୀନତା - ମନ୍ଦାକିନୀର ଆଦ୍ୟ ଧାରା ବୁହାଇଥିଲେ । ସମଗ୍ର ଭାରତବର୍ଷ ଓ ମାନବ ଜାତି ପାଇଁ ତାଙ୍କ ଅବଦାନ ଅତୁଳନୀୟ । ପରବର୍ତ୍ତୀ ସମୟରେ ଏହି ଅସାଧାରଣ ବାଳକ 'ଶ୍ରୀ ଅରବିନ୍ଦ' ନାମରେ ପରିଚିତ ହେଲେ । ସୌଭାଗ୍ୟ ବଶତଃ ତାଙ୍କ ଜନ୍ମ ତିଥିରେ ହିଁ ଭାରତ ସ୍ୱାଧୀନ ହେଲା । ତାଙ୍କ ସମଗ୍ର ଜୀବନ ବିଷୟରେ ବର୍ଣ୍ଣନା କରିବା କିମ୍ବା ଜାଣିବା ଆମର ଜ୍ଞାନର ପରିସୀମା ବାହାରେ; କିନ୍ତୁ ସାଧନା ଓ ଅଧ୍ୟବସାୟ ଥିଲେ ସେହି ମହାପୁରୁଷଙ୍କ ବିଷୟରେ ଜାଣି ପାରିବା । ତାଙ୍କ ଜୀବନ ଆଦର୍ଶକୁ ଗ୍ରହଣ କଲେ ଆମ ଜୀବନ ମଧ ସାର୍ଥକ ହୋଇପାରିବ । ଜୀବନର ଅନ୍ତିମ ସମୟ ସେ ଆଧାତ୍ମିକ ଜୀବନ ଯାପନ କରିଥିଲେ । ପଣ୍ଡିଚେରୀ ଚାଲିଯାଇ ଯୋଗ ସାଧନା, ବେଦ, ଉପନିଷଦ ଅଧ୍ୟୟନ ଏବଂ ଆଲୋଚନାରେ ସମୟ ଅତିବାହିତ କରିଥିଲେ । ୧୯୫୦ ମସିହା ଡିସେମ୍ବର ୫, ରାତ୍ର ୧.୨୦ ମିନିଟ୍ ସମୟରେ ୭୮ ବର୍ଷ ବୟସରେ ମହାଯୋଗୀ ଦେହତ୍ୟାଗ କରିଥିଲେ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର*

# ଶହୀଦ ସଂଗ୍ରାମୀ - ଜୟୀ ରାଜଗୁରୁ


ଅକ୍ଷୟ କୁମାର ରାଉତ

ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଜଶ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ।

କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହ ୍ ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଦଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ। ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅ ଳରେ ରାଜାଙ୍କ କ ୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ। ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ କରିଦେଲେ। ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ। କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ। ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ। ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ। ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ। ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ। କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୁଖେ ଯାତ୍ରା କଲେ। ଶୁଣାଯାଏ ଖୋର୍ଦ୍ଧାଗଡରେ ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ। କିନ୍ତୁ କା ୍ଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ। କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ। ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ। ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ। ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ। ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା। ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ। ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା। ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ। ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧୀ ଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ। ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ। କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି। ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ। ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା। ମେଦିନୀପୁରସ୍ଥିତ ବାଲିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା। ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବ ।, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ.ନଂ. - ୯୯୩୭୬୯୧୪୭୫*

# ବିପର୍ଯ୍ୟସ୍ତ ଅର୍ଥନୀତି ଦେଶ ପାଇଁ ଶୁଭଙ୍କରୀ ନୁହଁ


ଉମାଶଙ୍କର ପ୍ରସାଦ

ଦିନକୁ ଦିନ ଆମ ଦେଶର ଅର୍ଥନୀତୀ ବିପର୍ଯ୍ୟୟ ହେବାରେ ଲାଗିଛି ଯାହା ଦେଶ ପାଇଁ ଶୁଭଙ୍କରୀ ନୁହଁ। ଚଳିତ ବର୍ଷ ୨୦୨୨-୨୦୨୩ ଶେଷବେଳକୁ ଭାରତର ସାମଗ୍ରିକ ଅଭିବୃଦ୍ଧି ହାର ୬.୫% ପାଖାପାଖି ରହିବ ବୋଲି ଅର୍ଥଶାସ୍ତ୍ରୀମାନେ ଆକଳନ କରିଛନ୍ତି। ଏଥିସହିତ ଦେଶରେ ଲାଗି ରହିଥିବା ଦରବୃଦ୍ଧି ସରକାରଙ୍କ ଆୟତ ବାହାରକୁ ଚାଲିଯାଇଛି। ଟଙ୍କାର ମୂଲ୍ୟ କ୍ଷୀପ୍ର ଭାବରେ ତଳକୁ ଖସି ଅନ୍ତର୍ଜାତୀୟ ବଜାରରେ ଗୋଟିଏ ଆମେରିକୀୟ ଡଲାର ପ୍ରତି ୮୩ ଟଙ୍କାରେ ପହଂଚିଲାଣି। ଏହା ଅଳ୍ପ କିଛି ମାସ ମଧ୍ୟରେ ୮୫ ଟଙ୍କାରେ ପହଞ୍ଚିବାର ଆକଳନ ଅର୍ଥନିତିଜ୍ଞ ମାନେ କରୁଛନ୍ତି। ଭରତର ସଂରକ୍ଷିତ ମୁଦ୍ରାଭଣ୍ଡାର ଦିନକୁ ଦିନ କ୍ଷୟ ହେବାରେ ଲାଗିଛି। ଯଦି କୌଣସି କାରଣରୁ ଭାରତ ସୀମାନ୍ତ ବିଦ୍ରୋହ ବା ପଡୋଶୀ ଦେଶ ସହ ଯୁଦ୍ଧରେ ଲିପ୍ତ ହୋଇଗଲା ତେବେ ଦେଶର ଅର୍ଥନୀତି ଧରାଶାୟୀ ହେବା ସୁନିଶ୍ଚିତ। ବର୍ତ୍ତମାନ ସମୟରେ ଯେଉଁ ବିପର୍ଯ୍ୟୟ ଦେଖାଦେଇଛି ତାର କାରଣ ତଥା ତାର ନିରାକରଣର ବାଟ ନଖୋଜି ସରକାର ନିଜ ପିଠି ନିଜେ ଥାପୁଡେଇ ବାଃ ବାଃ ସାଉଂଟିବାରେ ଲାଗିଛନ୍ତି। ନିର୍ବାଚନ ଯେତିକି ନିକଟତର ହେବାରେ ଲାଗିଛି ସରକାରଙ୍କ ପ୍ରଶଂସା ସାଉଁଟିବା ସେତିକି ପ୍ରଶସ୍ତ ହେବାରେ ଲାଗିଛି। ଏହାର ପରିଣାମ ପାଇଁ ଦାୟୀ ସରକାରଙ୍କ ର ଅର୍ଥମନ୍ତ୍ରୀ ସୀତାରମଣ, ନିୟନ୍ତ୍ରଣ ହରାଇଥିବା ରିଜର୍ଭ ବ୍ୟାଙ୍କର କର୍ମକର୍ତ୍ତା, ସରକାରଙ୍କର ଅର୍ଥମନ୍ତ୍ରଣାଳୟ ଗୋଟିକ ପରେ ଗୋଟିଏ ବିବୃତ୍ତି ରଖି ଚାଲିଛନ୍ତି, 'ଦେଶରେ ଟଙ୍କା ମୂଲ୍ୟ ହ୍ରାସ ନୁହେଁ ଆନ୍ତର୍ଜାତିୟ ମୁଦ୍ରା ଡଲାର ଶକ୍ତ ହେବାରେ ଲାଗିଛି। ବିମୁଦ୍ରାୟନ ହେତୁ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ଘଟିଛି। ବିଶ୍ୱ ଆର୍ଥିକ ବ୍ୟବସ୍ଥା ଖରାପର ପ୍ରଭାବ ଭାରତ ଉପରେ ପଡିଛି।' ଅନ୍ୟଦେଶ ତୁଳନାରେ ଭାରତର ଅଗ୍ରଗତି ହାର ବଢିଛି। ବିଶ୍ୱ ଅର୍ଥନୀତିରେ ଅଭିବୃଦ୍ଧିହାର ୨.୩୫% ରହିବ ବୋଲି କଳନା କରାଯାଉଥରଲା ବେଳେ ଭାରତର ଅଭିବୃଦ୍ଧି ହାର ୬.୫% ରହିବାର ଆକଳନ କରାଯାଇଛି। ଅର୍ଥାତ ଶ୍ରେଣୀରେ ଫେଲ ହେଲେବି ପିଲା ପ୍ରଥମ ହେବାର ଆସ୍ଫାଳନ ଦେଖାଉଛନ୍ତି। ସ୍ଥିତର ବିଶ୍ଳେଷଣ ନକରି ଯାହା ସବୁ କୁହା ଯାଉଛି ସେ ସବୁ ଯେତିକି ଅବାସ୍ତବ ସେତିକି ହାସ୍ୟାସ୍ପଦ । ଭାରତର ଅର୍ଥନୀତି ଭୁଷୁଡିବାରେ ଲାଗିଛି। ନିରନ୍ତର ମୁଦ୍ରାସ୍ପୀତି ଓ ବଜାର ଦର ବୃଦ୍ଧି ପାଇ ଅଣାୟତ ହେବାରେ ଲାଗିଛି। ଭାରତ ରିଜର୍ଭବ୍ୟାଙ୍କ ଏହା ବିରୁଦ୍ଧରେ ଲଗାତାର ଲଢେଇ ଚାଲୁ ରଖିଥିବା ସହିତ ବଜାରକୁ ଅର୍ଥ ଛାଡିବା ବନ୍ଦ କରି ଚାଲିଛି। ତଥାପି ଦେଶରେ ଖୁଚୁରା ଖୁଚୁରା ମୁଦ୍ରାସ୍ପିତି ହାର ନିର୍ଦ୍ଧାରିତ ଲକ୍ଷ ୬% ରୁ ଅଧିକ ୭.୪% ରହିଥିବା ଦେଖାଯାଉଛି। ଦେଶରେ ଟଙ୍କାର ମୂଲ୍ୟ ଦୃତଗତିରେ ହ୍ରାସ ପାଉଛି। ଅନ୍ତର୍ଜାତୀୟ ମୁଦ୍ରା ବଜାରରେ ଡଲାର ପିଛା ୮୩ ଟଙ୍କାରେ ପହଞ୍ଚି ସାରିଲାଣି ଏଭଳି ସମୟରେ ଆମ କେନ୍ଦ୍ରମନ୍ତ୍ରୀ ସୀତାରମଣ ଦେଇଛନ୍ତି, " ଟଙ୍କା ଦୁର୍ବଳ ନୁହେଁ , ଡଲାର ସବଳ ହୋଇଛି"। ଏହା ବାସ୍ତବିକ ଭାବରେ ସତ୍ୟ ଯେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ କମିଛି। ବିଶ୍ୱ ବଜାରରେ ୧୯୭୧ ମସିହାରୁ ଡଲାରର ଅପ୍ରତିଦ୍ୱନ୍ଦୀ ରାଜୁତି ଥିଲେ ମଧ ସବୁ ଦେଶ ତଥା ଜାପାନର ୟେନ, ସ୍ୱିଡେନ୍‌ର ଶ୍ରୋନା, ଚୀନର ୟୁଆନ, ବ୍ରିଟେନର ପାଉଣ୍ଡ ପ୍ରଭୃତିର ଡଲାର ବିନିମୟ ହାର ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ଭାରତର ଏହି ହ୍ରାସ ସର୍ବକାଳୀନ ନିମ୍ନ ସ୍ତରରେ ପହଂଚିବା ସହ ଇତିହାସ ସୃଷ୍ଟି କରିଛି। ଭାରତକୁ ଏଥିପାଇଁ ଅଧ୍ୟାବଧି ୯୭୩୦ କୋଟି ଡଲାର ଅଧିକ ବ୍ୟୟ କରିବାକୁ ହେଲାଣି। ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୩୭୦୦ କୋଟି ଡଲାର ବିନିମୟ କରିବାକୁ ପଡିଥିଲା ଏବେ ତାର ୩ ଗୁଣା ଅଧିକ ଡଲାର ବାହାରକୁ ଚାଲିଯାଇଛି। ଗଚ୍ଛିତ ବିଦେଶୀ ମୁଦ୍ରାର କ୍ଷୀପ୍ରକ୍ଷତି ଯୋଗୁ ଅନ୍ତର୍ଜାତୀୟ ବଜାରରେ ସଙ୍କଟ ଦେଖା ଦେବାର ଆଶଙ୍କା ବଢିବାରେ ଲାଗିଛି। ମୁଦ୍ରାର ଅବକ୍ଷୟଭାରତର ଆଭ୍ୟନ୍ତରୀଣ ବଜାରରେ ମଧ ଘଟିବାରେ ଲାଗିଛି। ଭାରତୀୟ ମୁଦ୍ରାର ଅନ୍ତମୂଲ୍ୟ ମଧ ହ୍ରାସ ପାଇଛି। ଏହାର ମୁଖ୍ୟ କାରଣ ଉତ୍ପାଦନ ହାର ଅପେକ୍ଷା ବଜାରରେ ମୁଦ୍ରା ସଂଚାଳନ ମାତ୍ରା ଅଧିକ ହେବା ସଂଗେ ସଂଗେ ବିଦେଶ ମୁଦ୍ରାର ଅଧିକ ବିନିଯୋଗ ହେଉଛି। ଏହାର କୁପରିଣାମ ଅତ୍ୟନ୍ତ ଭୟଙ୍କର ହେବ ବୋଲି କେନ୍ଦ୍ର ସରକାରଙ୍କର କ୍ୟାବିନେଟ ମନ୍ତ୍ରୀ ପୀୟୁଷ ଗୋୟେଲଙ୍କ ଉକ୍ତିରୁ ଜଣାପଡେ। ତାଙ୍କ ମତରେ ଟଙ୍କା ମୂଲ୍ୟର ଅବକ୍ଷୟ ଭାରତର ଭବିଷ୍ୟତ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରୁଛି। ଭାରତ ବାହାରୁ ଆମଦାନୀ କରୁଥିବା ପଣ୍ୟଦର ବୃଦ୍ଧି ସହିତ ବଜାରକୁ ଛାଡୁଥିବା ପଦାର୍ଥର ଦର ବୃଦ୍ଧି ଘଟିବ। ଆମ ଅର୍ଥମନ୍ତ୍ରୀ ଏହା ଭଲଭାବେ ଯାଣନ୍ତି ଯେ ଭାରତ ଅନ୍ତତଃ ୬୦୦୦ ରୁ ଊର୍ଦ୍ଧ୍ୱ ଦ୍ରବ୍ୟ ବାହାରୁ ଆମଦାନି କରିଥାଏ। ଆମଦାନୀ ଓ ରପ୍ତାନୀ ଦିଗକୁ ଦେଖିଲେ ୨୦୧୭ ଠୁ ୨୦୨୧ ସୁଦ୍ଧା ରପ୍ତାନୀ ଯଥାକ୍ରମେ ୨୭୫୮୦ କୋଟି ଡଲାର, ୩୦୨୫୨ କୋଟିଡଲାର, ୩୩୦୦୭ କୋଟି ଡଲାର, ଓ ୩୧୪୩୦ କୋଟି ଡଲାର ଥିବାବେଳେ ସେହି ସମୟରେ ପ୍ରଥମ ଆଠ ମାସରେ ରପ୍ତାନି ୩୧୨୩୧ କୋଟି ଡଲାର ହୋଇଥିବାବେଳେ ଆମଦାନୀ୪୦୪୦୦ କୋଟି ଡଲାର ଥିଲା। ଗଚ୍ଛିତ ସୁନା ସହିତ ସମଗ୍ର ବୈଦେଶିକ ମୁଦ୍ରା କ୍ଷେତ୍ରରେ ଭାରତ ବିଶ୍ୱରେ ଏବେ ବି ଚତୁର୍ଥ ସ୍ଥାନରେ ଅଛି। ଏହି ଗଚ୍ଛିତ ବିଦେଶୀ ମୁଦ୍ରାର ମୂଲ୍ୟ ୨୦୨୨ ଅକ୍ଟୋବର ୭ ସୁଦ୍ଧା ମୋଟା ମୋଟି ୫୩୨୮୩.୮ କୋଟି ଡଲାର ଥିଲା ଯାହାକି ମନମୋହନ ସିଂହ ଙ୍କ ମୁକ୍ତ ଅର୍ଥନୀତି ହେତୁ କ୍ରମେ କ୍ରମେ ବୃଦ୍ଧି ପାଇ ଏପରି ଏକ ସ୍ଥିତିରେ ପହଂଚି ଥିଲା। ଦେଶରେ ବିଶ୍ୱବିଖ୍ୟାତ ଅର୍ଥଶାସ୍ତ୍ରୀଙ୍କର ଅଭାବ ନାହିଁ। ଅର୍ଥମନ୍ତ୍ରୀ ସେମାନଙ୍କର ପରାମର୍ଶ ନେବାର ସମୟ ଆସିଛି। ତା ନହେଲେ ଦେଶର ଅର୍ଥନୀତିର ସୁଧାର ପାଇଁ ସଠିକ୍ ପଥଟିଏ ନିର୍ଣ୍ଣୟ କରିବା ତାଙ୍କ ପାଇଁ କଷ୍ଟକର ହେବ। ଗୋଟିଏ କଥା ସ୍ପଷ୍ଟ ହେବା ଦରକାର ଯେ କରୋନା ପୂର୍ବରୁ ଯେଉଁସବୁ ବିସ୍କୁଟ କମ୍ପାନୀ ବନ୍ଦ ହୋଇଯିବାର ଆଶଙ୍କା ଦେଖା ଯାଇଥିଲା ତାହାସବୁ ଦ୍ୱିଗୁଣିତ ଆୟକାରି ହେଲା। ଅତି ବିତ୍ତଶାଳୀମାନେ ବୀମା କ୍ଷେତ୍ରରେ ବଡ ବିନିଯୋଗ କଲେ ଓ ସେଥିରୁ ସରକାରଙ୍କୁ ଅନେକ ଭାବରେ ଆୟ ମିଳିଲା। ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ପୀତି କମିଟି ସଦସ୍ୟ ଅସୀମା ଗୋୟେଲ ବୋଧହୁଏ ନିଜର ପ୍ରସ୍ତୁତ କରିଥିବା ହିସାବରେ ଗତ ତିନିବର୍ଷରେ ଗଚ୍ଛିତ କଳାଟଙ୍କାର ପରିମାଣ ଯଥେଷ୍ଟ ବଢିଥିବା କୁ ନେଇ ନାହାଁନ୍ତୀ। ସୁଇସ୍ ବ୍ୟାଙ୍କରେ ଗଚ୍ଛିତ ଧନରାଶି ଗତ ୫ ବର୍ଷ ମଧ୍ୟରେ ଦୁଇ ଗୁଣରୁ ଅଧିକ ହୋଇଛି।

(ସମ୍ପାଦକ, ମାର୍ଗଦର୍ଶୀ) ଖୋର୍ଦ୍ଧା,
ମୋ:୬୩୭୦୬ ୭୫୫୬୨




# ଅବ୍ୟକ୍ତ ଅଭିମନ୍ୟୁ

କାଳର କରାଳ ଗର୍ଭରେ ସିଂହାସନ, ସୌନ୍ଦର୍ଯ୍ୟ, ସମ୍ପତ୍ତି ଆଦି ସବୁ ଲୀନ ହୋଇଯାଇଥାଏ। ମାତ୍ର ଶୌର୍ଯ୍ୟ, ସହନଶୀଳତା ଓ ସୁଗୁଣର ପ୍ରତ୍ୟେକଟି ପାଖୁଡା କାଳଚକ୍ରରୁ ବାହାରି ଆସି ଅଧିକରୁ ଅଧିକ ପ୍ରସ୍ଫୁଟିତ ହୋଇଥାଏ। ମହାଭାରତରେ ଅଭିମନ୍ୟୁ ଚରିତ୍ର ସମ୍ପର୍କରେ ଆମେ ସଭିଏ ଜାଣୁ। କଳିଯୁଗରେ ଅଭିମନ୍ୟୁ ନାମଧାରୀ କିଛି ଆଦର୍ଶ ବ୍ୟକ୍ତିତ୍ୱ ସରଳ ଓ ନିରାଡମ୍ବର ଜୀବନ ଯାପନ ନିର୍ବାହନ କରିବା ସହ ଏ ସମାଜ ପାଇଁ ଛାଡିଦେଇ ଯାଇଛନ୍ତି 'ସମସ୍ତ ଲୋକାଃ ସୁଖୀନଃ ଭବନ୍ତୁ' ମନ୍ତ୍ରର ଅନେକ ଉଦାହରଣ। ମହାଭାରତରେ ଅଭିମନ୍ୟୁ ଚରିତ୍ରକୁ ନିଜ ଜୀବନ ଚକ୍ରରେ ସଠିକ ରୂପେ ନାମ ଓ ଗୁଣର ସମନ୍ୱୟକୁ ସମତୁଲ କରି ଅନ୍ୟାୟ ଏବଂ ଦୁର୍ନୀତି ବିରୁଦ୍ଧରେ ପ୍ରଚଣ୍ଡ ସ୍ୱର ଉତ୍ତୋଳନ କରିବା ସହ ଆଜିର ତଥାକଥିତ କୌରବ ପକ୍ଷମାନଙ୍କୁ ମଧ୍ୟ କେବେବି ଭ୍ରୁକ୍ଷେପ ନକରି ନିଜର ସୁଖ,ଶାନ୍ତିକୁ ତିଳତିଳ କରି ଦଗ୍ଧ କରିଛନ୍ତି।

ଏମିତି ଜଣେ ମହାନାୟକ ହେଉଛନ୍ତି ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ତିହିଡ ବ୍ଲକର ଅଭିମନ୍ୟୁ ନାୟକ। ୪୦ ଦଶକର ପ୍ରାରମ୍ଭରେ ଓଡ଼ିଶାର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିବିଶେ କେଉଁ ସ୍ଥିତିରେ ଥିଲା ତାହା ସମସ୍ତଙ୍କୁ ଊଣା ଅଧିକେ ଜଣା। ବ୍ରିଟିଶ ସରକାରଙ୍କ ଦମନଲୀଳା ସାଙ୍ଗକୁ ଜମିଦାର ଓ କିଛି ରାଜାମାନଙ୍କର ଅତ୍ୟାଚାର ମାନବିକତାର ସବୁ ଲକ୍ଷ୍ମଣରେଖାକୁ ଡେଇଁ ସାରିଥିଲା। ଭଦ୍ରକର ଭେଡା ରୂପରେ ପରିଚିତ ପୀରହାଟ ଅଞ୍ଚଳରେ ଏକ ଆଦର୍ଶ ପରିବାରରେ ଜନ୍ମଗ୍ରହଣ କରିଥିଲେ ଅଭିମନ୍ୟୁ ନାୟକ। ପିତା ପାଣ୍ଡବ ଓ ମାତା ହଂସମଣୀ ଦେବୀଙ୍କ ଔରସରୁ ୧୯୪୧ ମସିହା ଫେବୃଆରୀ ମାସ ୨୨ ତାରିଖରେ ଅଭିମନ୍ୟୁଙ୍କ ଜନ୍ମ। ଅଭିମନ୍ୟୁଙ୍କ ଜନ୍ମ ପୂର୍ବରୁ ପାଣ୍ଡବ ଓ ହଂସମଣୀ ଦେବୀଙ୍କ ଔରସରୁ ଯାତ ୩ଟି ଶିଶୁ ହଇଜା ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇ ଇହଲୀଳା ସମ୍ବରଣ କରିସାରିଥିଲେ। ତିନି ତିନିଟି ଶିଶୁଙ୍କୁ ପର୍ଯ୍ୟାୟକ୍ରମେ ହରାଇବା ପରେ ପାଣ୍ଡବ ଓ ହଂସମଣୀ ଆଉ ଜନକଜନନୀ ନହେବା ପାଇଁ ଏକ ପ୍ରକାର କାୟିକ ଓ ମାନସିକ ପ୍ରତିଜ୍ଞାବଦ୍ଧ ମଧ୍ୟ ହୋଇସାରିଥିଲେ। ତେବେ ଏହି ସମୟରେ ଠାକୁର ଅଭିରାମ ପରମହଂସଙ୍କ କେତେକ ଶିଷ୍ୟ ଅର୍ଜ୍ଜୁନବିନ୍ଧାର ତତ୍କାଳୀନ ଜମିଦାରଙ୍କ ଆତିଥ୍ୟ ଗ୍ରହଣ କରିବା ସମୟରେ ପାଣ୍ଡବ ଓ ହଂସମଣୀଙ୍କ ସହ ସେମାନଙ୍କ ସାକ୍ଷାତ ହୁଏ। ସନ୍ତାନହରା ମ୍ରିୟମାଣ ଦମ୍ପତ୍ତିଙ୍କୁ ଅଭିରାମ ପରମହଂସଙ୍କ ଜନୈକ ଶିଷ୍ୟ ଦର୍ଶନ ମାତ୍ରେ ସବୁ ଜାଣିଲା ପରି ପରମ ଆଶ୍ୱାସନା ଦେଇଥିଲେ ଏବଂ ଅଭିରାମଙ୍କ ଆଶୀର୍ବାଦରୁ ନିଶ୍ଚିତ ପୁତ୍ର ସନ୍ତାନ ଜାତ ହେବ ବୋଲି ପାଣ୍ଡବ ଓ ହଂସମଣୀଙ୍କୁ ଆଶୀର୍ବାଦ ଦେଇ ଚାଲିଯାଇଥିଲେ। ଏହାର ଠିକ୍ ବର୍ଷକ ପରେ ନିରାଶା ଓ ତମସାଚ୍ଛନ ଆକାଶରେ କୁଆଁତାରା ଅବିର୍ଭାବ ଭଳି ୧୯୪୧ ମସିହାରେ ପାଣ୍ଡବ ଓ ହଂସମଣୀ ଦେବୀଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜାତ ହୋଇଥିଲେ। ଅଭିରାମ ପରମହଂସଙ୍କ ଆଶୀର୍ବାଦ ଓ ହଂସମଣୀ ଦେବୀଙ୍କ ଜ୍ୟେଷ୍ଠଭ୍ରାତା ଗୋପୀନାଥ କୁଅଁରଙ୍କ ପରାମର୍ଶକ୍ରମେ ଏହି ଶିଶୁଟିର ନାମ ଅଭିମନ୍ୟୁ ରଖାଯାଇଥିଲା। ବାଲ୍ୟାବସ୍ଥାରେ ଅତ୍ୟନ୍ତ ରୋଗୀଣା ଓ କ୍ଷୀଣ ଶରୀର ଗଠନ ଯୋଗୁ ଅନେକ ଅଭିମନ୍ୟୁଙ୍କୁ ଶ୍ରଦ୍ଧାରେ ପେଜୁ ବୋଲି ସମ୍ବୋଧନ କରୁଥିଲେ। ମାତା ହଂସମଣୀ ଦେବୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଭିମନ୍ୟୁଙ୍କର ପାଠପଢ଼ାରେ ଶ୍ରୀଗଣେଶ ହୋଇଥିଲା। ତେବେ ଓଡ଼ିଆ ବର୍ଣ୍ଣମାଳା ଶିକ୍ଷା ସମୟରେ 'ଇ' ଅକ୍ଷର ଅଭ୍ୟାସକୁ ସମାପ୍ତ କରିବା ପାଇଁ ଅଭିମନ୍ୟୁଙ୍କୁ ଲାଗି ଯାଇଥିଲା ୨ ସପ୍ତାହରୁ ଅଧିକ ସମୟ। ଏଥିରେ ଉତ୍କ୍ଷିପ୍ତ ହୋଇ ମାତା ହଂସମଣୀ ଦେବୀ ଅଭିମନ୍ୟୁଙ୍କ ଆଙ୍ଗୁଠିକୁ ମୋଡି ଭାଙ୍ଗି ଦେଇଥିଲେ। ପର୍ଯ୍ୟାୟକ୍ରମେ ଅଭିମନ୍ୟୁଙ୍କର ପ୍ରାଥମିକ ଶିକ୍ଷା ସରିଥିଲା। ଏହାପରେ ଓଡ଼ିଶାରୁ ହାଇସ୍କୁଲ ପରୀକ୍ଷାରେ ଯେଉଁ ୧୧ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କ ମଧ୍ୟରେ ଅଭିମନ୍ୟୁ ଥିଲେ ଅନ୍ୟତମ। ବିଦ୍ୟା ଅଧ୍ୟୟନରେ ଅଭିମନ୍ୟୁଙ୍କ ରୁଚି ଓ ନିଷ୍ଠାକୁ ଦେଖି ତାଙ୍କ ମାମୁଁ ଗୋପୀନାଥ କୁଅଁର ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦେବା ପାଇଁ ଆଗେଇ ଆସିଥିଲେ। ଭଦ୍ରକ କଲେଜରୁ ସ୍ନାତକରେ ସମ୍ମାନର ସହ ଉତ୍ତୀର୍ଣ୍ଣ ହେବା ପରେ ପଶ୍ଚିମବଙ୍ଗର ଯାଦବପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସେ ସ୍ୱର୍ଣ୍ଣପଦକ ସହ ସ୍ନାତକୋତ୍ତର ସମାପ୍ତ କରିଥିଲେ। ଏହାପରେ କଲିକତାରେ ଲବ୍ଧପ୍ରତିଷ୍ଠିତ ବ୍ୟବସାୟୀ ତଥା ମାମୁଁ ଗୋପୀନାଥ କୁଅଁର ନିଜର ସମସ୍ତ ବାଣିଜ୍ୟ ବ୍ୟବସାୟର ଭାର ଅଭିମନ୍ୟୁଙ୍କ ହାତରେ ଟେକିଦେବା ପାଇଁ ମନେ ମନେ ସ୍ଥିର କରନ୍ତି। ମାତ୍ର ଧର୍ମପରାୟଣ ପିତା ପାଣ୍ଡବଙ୍କ ତାଗିଦ୍ ଓ ସୁପରାମର୍ଶକ୍ରମେ ଅଭିମନ୍ୟୁ କଲିକତା ଛାଡି ଓଡ଼ିଶା ଫେରିଆସନ୍ତି। ଏହାପରେ ଓଏଏସ୍ ଲିଖିତ ପରୀକ୍ଷାରେ ବେଶ୍ ଭଲ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୁଅନ୍ତି। ମାତ୍ର ପାନ ଖାଇବା ବଦଭ୍ୟାସ ଯୋଗୁ ନିଜକୁ ସଙ୍କୁଚିତ ମନେକରି ସାକ୍ଷାତକାର ପରୀକ୍ଷାକୁ ନିଜଆଡୁ ବର୍ଜନ କରନ୍ତି। ଏହାପରେ ବିଇଡି ସମାପ୍ତ କରି ମାତ୍ର ୨୫ ବର୍ଷ ବୟସରେ ସର୍ବକନିଷ୍ଠ ପ୍ରଧାନଶିକ୍ଷକ ରୂପେ ଶିକ୍ଷକତା ଜୀବନ ଆପଣେଇ ନିଅନ୍ତି। ସମୟଚକ୍ରରେ ଅଭିମନ୍ୟୁଙ୍କର ବୈବାହିକ ଓ ସାମାଜିକ ଜୀବନଚକ୍ର ଅଧିକ ବିସ୍ତାରିତ ହୁଏ। ଓଡ଼ିଶାର ଅନ୍ୟତମ ଟାଣୁଆ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପରିଜନଙ୍କ ସହ ଅଭିମନ୍ୟୁଙ୍କର ବିବାହ ସମ୍ପନ୍ନ ହୁଏ। ଦୁଇ ଭାଇ ଓ ତିନି ଭଉଣୀଙ୍କ ଭଳି ଯୌଥ ପରିବାରରେ ଡଙ୍ଗାକୁ ମୁଖ୍ୟ ନାବିକ ରୂପେ ଅଭିମନ୍ୟୁ ଓ ତାଙ୍କ ସହଧର୍ମିଣୀ କମଳିନୀ ଦେବୀ ଆଗେଇ ନିଅନ୍ତି।

ପାରିବାରିକ ଦାୟିତ୍ୱବୋଧ ବ୍ୟତୀତ ସାମାଜିକ ଉତ୍ତରଦାୟିତ୍ୱ ଓ ନିଷ୍ପେସିତ ବର୍ଗଙ୍କ ହକ୍ ପାଇଁ ନ୍ୟାୟିକ ଓ ଅନ୍ୟାନ୍ୟ ଲଢ଼େଇ ଅଭିମନ୍ୟୁଙ୍କ ଜୀବନରେ ଥିଲା ସବୁଠାରୁ ବଡ ବ୍ରତ। ସେ ସମୟରେ ମ୍ୟାନେଜିଂ କମିଟିର ସଖି କଣ୍ଢେଇ ରୂପେ ପରିଚାଳିତ ହୁଅନ୍ତି ବିଭିନ୍ନ ହାଇସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନେ। ଏଭଳି ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ହକ୍ ପାଇଁ ଅଭିମନ୍ୟୁଙ୍କ ଲଢ଼େଇ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ହାଇକୋର୍ଟରେ ଏକ ରାୟରେ ଏକ ମାସର ଅର୍ଥ ୩୦ଦିନ ରୂପେ ଏକ ନୂଆ ଧାରା ଯୋଡି ହେବା ସହ ଏହା ଅଭିମନ୍ୟୁଙ୍କ କେସ୍ ନମ୍ବର ନାମରେ ନାମିତ ହୋଇଛି। ନୀଳମଣି ରାଉତରାୟଙ୍କ ପରିଜନ ହେତୁ ଅନେକ ସମୟରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିରୋଧୀ ରାଜନୈତିକ ଗୋଷ୍ଠୀଙ୍କ ବିଭିନ୍ନ ହୀନ ଆକ୍ରୋଶର ଶିକାର ହୋଇଛନ୍ତି ଅଭିମନ୍ୟୁ। ତେବେ ସତ୍ୟମେବ ଜୟତେ ମନ୍ତ୍ରରେ ଅଭିମନ୍ତ୍ରିତ ଅଭିମନ୍ୟୁ କର୍ତ୍ତବ୍ୟ ପରାୟଣତା ଓ ଦାୟିତ୍ୱବୋଧତାରେ କୌଣସି ଊଣା ନକରି ଆଦର୍ଶର ଅଭିବ୍ୟକ୍ତି କ'ଣ; ସେ ନେଇ ଛାଡି ଯାଇଛନ୍ତି ଶହ ଶହ ଉଦାହରଣ।

ସମ୍ପର୍କର ପରିଭାଷା କେବଳ ଔରସରୁ ଜାତ, ରକ୍ତ, ଜ୍ଞାତିକୁଟୁମ୍ବ ଓ ପରିଜନର ପରିସର ନୁହେଁ। ଏଭଳି ପରିଧିର ଗଣ୍ଡି ଭିତରୁ ବାହାରି; ସମ୍ପର୍କ କିପରି ଆବେଗିକ ଓ ସମ୍ବେଦନଶୀଳତାର ପ୍ରତ୍ୟେକଟି ପର୍ଯ୍ୟାୟରେ ମହାପରୀକ୍ଷାର ସମ୍ମୁଖୀନ ହୋଇ ପ୍ରତ୍ୟେକଟି ସମ୍ପର୍କ ସତ୍ୟ, ସ୍ୱାତିକ, ପ୍ରେମମୟ, ଚିରନ୍ତନ ଓ ରସୁଆଳର ମହାଭିତ୍ତିଭୂମି ଉପରେ ଦଣ୍ଡାୟମାନ ହେବା ଜରୁରୀ; ସେ ନେଇ ଅନେକ ଘଟଣା ଅଭିମନ୍ୟୁଙ୍କ ବ୍ୟକ୍ତିତ୍ୱର ସମଷ୍ଟିଗତ ଗୁଣକୁ ବୁଝାଇଥାଏ। ଅନୁରୂପକ ଓ ପରିପୂରକ ପରିବେଶର ଲାଞ୍ଛିତ ହେବା ସତ୍ତ୍ୱେ ଅଭିମନ୍ୟୁ କେବେବି ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ୍ ହୋଇନାହାନ୍ତି। ଜୀବନରେ କାହା ପାଖରେ ହାତ ପାତି ନଥିବା ଅଭିମନ୍ୟୁ ଅନେକ ଲୋକଙ୍କୁ ହାତ ଟେକି ଖୋଲା ହୃଦୟରେ କରିଛନ୍ତି ଅନେକ ସାହାଯ୍ୟ। ପ୍ରତିଦାନରେ କିନ୍ତୁ ତାଙ୍କୁ ମିଳିଛି ବିଶ୍ୱାସଘାତକତା। କିନ୍ତୁ ଏଥିରେ ଅଭିମନ୍ୟୁ ଭାଙ୍ଗି ନପଡି କେବଳ ସ୍ମିତହାସ୍ୟଟିଏ ଦେଇଛନ୍ତି। ଜୀବନର ୮୨ରୁ ଊର୍ଦ୍ଧ୍ୱ ବସନ୍ତକୁ ଅତି ନିକଟରୁ ପରଖି ସାରିଥିବା ଅଭିମନ୍ୟୁ ଶେଷରେ ଜୀବନ ଯୁଦ୍ଧରେ ହାରିଯିବେ ବୋଲି ସମସ୍ତଙ୍କ କଳ୍ପନାରୁ ଥିଲା ବାହାରେ। ପୁଅ, ବୋହୂ, ଜ୍ଞାତିକୁଟୁମ୍ବ ଓ ଡାକ୍ତରଙ୍କ ସବୁପ୍ରକାର ସେବା, ଶୁଶ୍ରୂଷା ଓ ଚିକିତ୍ସା ଅଭିମନ୍ୟୁଙ୍କୁ ନିଶ୍ଚିତ ନୂଆ ଜନ୍ମ ଦେବ ବୋଲି ସମସ୍ତଙ୍କର ଆଶା ଓ ବିଶ୍ୱାସ ଥିଲା। ମାତ୍ର ବିଧିର ବିଧାନ ବଡ ବିଚିତ୍ର। ଅସୁସ୍ଥତାର ଚକ୍ରବ୍ୟୁହକୁ ଛେଦନ କରି ନୂଆ ଜୀବନ ପାଇଁ ସଜବାଜ ହେଉଥିବା ବେଳେ ହଠାତ୍ ଯମଦୂତଙ୍କ ନିଷ୍ଠୁରତା ସବୁ ଅଙ୍କକୁ ଏପଟ ସେପଟ କରିଦେଲା। ୨୦୨୨ ମାର୍ଚ୍ଚ ୩ ତାରିଖ ଗୁରୁବାର ଶୁକ୍ଳପକ୍ଷ ପୂର୍ବାହ୍ନରେ ଅଭିମନ୍ୟୁଙ୍କ ଶରୀରରୁ ଆତ୍ମା ଅଲଗା ହୋଇଯାଇଥିଲା। ନିଜ ଜନ୍ମମାଟି ଅର୍ଜ୍ଜୁନବିନ୍ଧାରେ ହୋଇଥିଲା ଅଭିମନ୍ୟୁଙ୍କ ଶେଷକୃତ୍ୟ। ତେବେ ଜୁଇରେ ଅଗ୍ନି ସଂଯୋଗଠାରୁ ଜୁଇ ଲିଭିବା ପର୍ଯ୍ୟନ୍ତ ଏହା ଯେପରି ତେଜିୟାନ ଓ ଉଜ୍ଜ୍ୱଳ ଭାବେ ଝଲସୁଥିଲା ତାହା ତାଙ୍କ ବ୍ୟକ୍ତିତ୍ୱର ଶୌର୍ଯ୍ୟ, ଶକ୍ତପଣ ଓ ଉଦାମତା ବଖାଣୁଥିଲା।

ସତ୍ୟସାଇ ଓ ଶିରିଡିସାଇଙ୍କ ଭକ୍ତ ରୂପେ ଦୀର୍ଘ ୫ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିଜ ଗ୍ରାମରେ ସତ୍ୟସାଇଙ୍କ ଜନ୍ମବାର୍ଷିକକୁ ମହାଆଡମ୍ବର ସହ ପାଳନ ପୂର୍ବକ ଅନ୍ନଯଜ୍ଞରେ ଶ୍ରଦ୍ଧାଳୁମାନଙ୍କୁ ଆପାୟିତ କରିଆସୁଥିଲେ ଅଭିମନ୍ୟୁ। ଏହି ଅନ୍ନଯଜ୍ଞ ଧାରାକୁ ତାଙ୍କ ପରସୁରୀମାନେ କେତେଦୂର ବଜାୟ ରଖୁଛନ୍ତି ତାହା ସମୟ କହିବ।

## ମହାନ ମାର୍କସବାଦୀ ଚିନ୍ତାନାୟକ କମ୍ରେଡ଼ ଶିବଦାସ ଘୋଷଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସଭା

ଯାଜପୁର (ପିଏନ୍): ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ଉଦ୍ୟୋଗରେ ଯାଜପୁର ଟାଉନ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଏ ଯୁଗର ମହାନ ମାର୍କସବାଦୀ ଚିନ୍ତାନାୟକ, ଏସ୍ୟୁସିଆଇ (କମ୍ୟୁନିଷ୍ଟ)ର ପ୍ରାଣପ୍ରତିଷ୍ଠାତା ତଥା ସର୍ବହରାର ମହାନ ନେତା କମ୍ରେଡ଼ ଶିବଦାସ ଘୋଷଙ୍କ ଜନ୍ମଶତବାର୍ଷିକୀ ମର୍ଯ୍ୟାଦାର ସହ ପାଳନ କରାଯାଇଛି। ଏହି ଉପଲକ୍ଷେ ପାର୍ଟିର ଯାଜପୁର ଜିଲ୍ଲା ସଂପାଦକ କମ୍ରେଡ଼ ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାର ପ୍ରାରମ୍ଭରେ ମହାନ ନେତା କମ୍ରେଡ଼ ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ସଭାର ମୁଖ୍ୟବକ୍ତା ଏସ୍ୟୁସିଆଇ (କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟି ସଭ୍ୟ ତଥା ଓଡ଼ିଶା ରାଜ୍ୟ ସଂପାଦକ କମ୍ରେଡ ଶଙ୍କର ଦାଶଗୁପ୍ତ ମହାନ ନେତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ପାର୍ଟିର ରାଜ୍ୟ ଅଫିସ ସମ୍ପାଦକ କମ୍ରେଡ ସ୍ୱୟଂପ୍ରଭା ନାୟକ, ଏଆଇକେକେଏମ୍ଏସ୍ ଜିଲ୍ଲା ସଂପାଦକ କମ୍ରେଡ ଅଚ୍ୟୁତ ପ୍ରଧାନ, ଏଆଇୟୁଟିୟୁସି ଜିଲ୍ଲା ଇନ୍‌ଚର୍ଜ କମ୍ରେଡ ସୁରେଶ ପ୍ରଧାନ, ଏଆଇଏମ୍ଏସ୍ଏସ୍ ଜିଲ୍ଲା ସଂପାଦିକା କମ୍ରେଡ ତରଙ୍ଗିନୀ ଦାସ, ଏଆଇଡିୱାଇ ଓ ଜିଲ୍ଲା ସଂପାଦକ କମ୍ରେଡ ସୁବାସ ମଲ୍ଲିକ, ଏଆଇଡିଏସ୍ଓ ଜିଲ୍ଲା ସଂପାଦିକା କମ୍ରେଡ ସଂଯୁକ୍ତା ସାହୁ, ଡିଟିଓ ଜିଲ୍ଲା ସଂପାଦକ କମ୍ରେଡ ଲକ୍ଷ୍ମୀଧର ମଲ୍ଲ, କମ୍‌ଶୋମଲ ସଂଗଠନ ପକ୍ଷରୁ କମ୍ରେଡ ଶରତ ବାରିକ ଏବଂ ସଭାର ସଭାପତି ମହାନ ନେତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କଲାପରେ ତାଙ୍କ ଉପରେ ରଚିତ ସଂଗୀତ ଗାନ କରାଯାଇଥିଲା। ଏହି ସଭାରେ ମୁଖ୍ୟବକ୍ତା କମ୍ରେଡ ଶଙ୍କର ଦାଶଗୁପ୍ତ ଦଳର ସମସ୍ତ ନେତା, କର୍ମୀ ଓ ସମର୍ଥକବୃନ୍ଦ ସର୍ବହରାର ମହାନ ନେତା, ଆମର ପଥ ପ୍ରଦର୍ଶକ କମ୍ରେଡ ଶିବଦାସ ଘୋଷଙ୍କର ଚିନ୍ତା-ଶିକ୍ଷାକୁ ନିଜ ଜୀବନରେ ଆୟତ୍ତ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ସଂକଟ ଜର୍ଜରିତ ଜନଗଣ ପୁଞ୍ଜିବାଦୀ ଶୋଷଣରୁ ମୁକ୍ତିପାଇବା ପାଇଁ ସଚେତନ, ସଂଗଠିତ ଏବଂ ଦୁର୍ବାର ଗଣଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ସର୍ବଶେଷରେ ଆନ୍ତର୍ଜାତିକ ସଂଗୀତ ଗାନ ମଧ୍ୟଦେଇ ସଭା କାର୍ଯ୍ୟ ଶେଷ ହୋଇଥିଲା।

## ବସ୍ତା ବ୍ଲକ୍ ବାହାର୍ଦ୍ଦାଠାରେ ଅତ୍ୟାଧୁନିକ ହୋଲସେଲ ମାଛ ମାର୍କେଟ ସ୍ଥାପନ ନେଇ ବୈଠକ



ବାଲେଶ୍ୱର (ପିଏନ୍)- ଜିଲ୍ଲାର ବସ୍ତା ବ୍ଲକ୍ ବାହାର୍ଦ୍ଦାଠାରେ ଅତ୍ୟାଧୁନିକ ପାଇକାରୀ(ହୋଲସେଲ) ସ୍ୱାସ୍ଥ୍ୟକର ମାଛ ମାର୍କେଟ ସ୍ଥାପନ ନେଇ ଏକ ପରାମର୍ଶଭିତିକ ବୈଠକ ଆଜି ଅପରାହ୍ନରେ ବାମପଦା ସ୍ଥିତ ନୋସି ବିଜନେସ ପାର୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ ଓ ଆନୁଷଙ୍ଗିକ ବ୍ୟବସାୟ ସହିତ ଜଡିତ ବିଭିନ୍ନ ବର୍ଗର ବ୍ୟକ୍ତି ଓ ବ୍ୟବସାୟୀଙ୍କ ସହ ପାଇକାରୀ ମାଛ ମାର୍କେଟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯେ ହେତୁ ସେମାନେ ଏହି ପାଇକାରୀ ବା ହୋଲସେଲ ମାଛ ମାର୍କେଟର ସବୁଠାରୁ ବଡ ଭାଗିଦାର ସେମାନଙ୍କ ମତ ଓ ପରାମର୍ଶକୁ ଏହି ବୈଠକରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପ୍ରସ୍ତାବିତ ମାର୍କେଟର ଡିଜାଇନ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାର ଆବଶ୍ୟକୀୟ ପରିବର୍ତନ ଆଣିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟର ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲା ତଥା ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ଦୀଘାରୁ ଆସିଥିବା ମତ୍ସ୍ୟ ବ୍ୟବସାୟୀମାନେ ଉପସ୍ଥିତ ରହି ଦୀଘା ଓ ପାରାଦୀପରେ ଥିବା ହୋଲସେଲ ମାଛ ମାର୍କେଟରେ ରହିଥିବା ବିଭିନ୍ନ ସୁବିଧା, ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହି ଆଧାରରେ ଏହି ପ୍ରସ୍ତାବିତ ମାଛ ମାର୍କେଟକୁ କିଭଳି ବିକଶିତ କରାଯାଇପାରିବ ସେ ସମ୍ପର୍କରେ ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ। ମାଛ ମାର୍କେଟର ଡିଜାଇନକୁ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତ ଅଧିକାରୀ ଓ ବ୍ୟବସାୟୀମାନଙ୍କୁ ପ୍ରଦର୍ଶିତ କରାଯିବା ସହିତ ଏଥିରେ କଣ ସବୁ ସୁବିଧା ଉପଲବଧ ରହିବ ସେ ନେଇ ସମସ୍ତଙ୍କୁ ଅବଗତ କରାଯାଇଥିଲା। ବାଲେଶ୍ୱର ଜିଲ୍ଲା ମତ୍ସ୍ୟ ଉତ୍ପାଦନରେ ସମଗ୍ର ରାଜ୍ୟରେ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଏହି ମାଛ ମାର୍କେଟ୍ ସ୍ଥାପନ ଦ୍ୱାରା ଜିଲ୍ଲାର ମତ୍ସ୍ୟଜୀବୀମାନେ ଯଥେଷ୍ଟ ଉପକୃତ ହେବା ସହ ଲାଭବାନ ହୋଇପାରିବେ ଏବଂ ରପ୍ତାନୀ କ୍ଷେତ୍ରରେ ଆମେ ଆହୁରି ଆଗକୁ ଯାଇପାରିବା ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଅବସରରେ ମତବ୍ୟକ୍ତ କରିଥିଲେ। ସମଗ୍ର ଓଡିଶା ଏହାର ସୁଫଳ ପାଇପାରିବ ବୋଲି ସେ କହିଥିଲେ। ପ୍ରାୟ ୨୦ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ହୋଲସେଲ ମାଛ ମାର୍କେଟରେ ନିଲାମ ଡାକିବା ପାଇଁ ଯଥେଷ୍ଟ ଖୋଲା ସ୍ଥାନ, ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା, ସମନ୍ୱିତ ବରଫ କଳ ସ୍ଥାପନ, ମାଛ ସଂରକ୍ଷଣ ପାଇଁ ଉପଯୁକ୍ତ ଷ୍ଟୋରେଜ୍ ବ୍ୟବସ୍ଥା, ବାୟୁ ଚଳାଚଳ ବ୍ୟବସ୍ଥା, ବ୍ୟାଙ୍କ ଏବଂ ଏଟିଏମ ସୁବିଧା, ପ୍ରୋସେସିଂ ୟୁନିଟ୍, ଜାତୀୟ ରାଜପଥ ସହ ମାର୍କେଟକୁ ଯୋଡିବା ପାଇଁ ଆପ୍ରୋଚ ରୋଡର ବ୍ୟବସ୍ଥା, ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ୟବସାୟୀଙ୍କୁ ସୁହାଇଲା ଭଳି ନୀତି ପ୍ରଣୟନ ସହ ଅନ୍ୟାନ୍ୟ ପଦକ୍ଷେପ ନେବାକୁ ବୈଠକରେ ବ୍ୟବସାୟୀମାନେ ମତ ରଖିଥିଲେ। ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ଦେବାନନ୍ଦ ଭଞ୍ଜ ବୈଠକର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଉପନିର୍ଦ୍ଦେଶକ(ସାମୁଦ୍ରିକ) ଶ୍ରୀ ବସନ୍ତ କୁମାର ଦାସ, ବାଲେଶ୍ୱର ଜୋନ ମତ୍ସ୍ୟ ଉପନିର୍ଦ୍ଦେଶକ ଶ୍ରୀ ସୁବ୍ରତ କୁମାର ଦାସଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ମତ୍ସ୍ୟ ବିଭାଗର ଅଧିକାରୀଗଣ ଏବଂ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଭାଗରୁ ଆସିଥିବା ମତ୍ସ୍ୟ ବ୍ୟବସାୟୀମାନେ ବାହାର୍ଦ୍ଦା ଯାଇ ପ୍ରସ୍ତାବିତ ମାଛ ମାର୍କେଟ ସ୍ଥାନକୁ ବୁଲି ଦେଖିଥିଲେ।

## ଆଜାଦିକା ଅମୃତ ମହୋତ୍ସବ ଅବସରରେ ୭୫ଟି ବୃକ୍ଷରୋପଣ



କୋଣାର୍କ (ପିଏନ୍)-୨୦୨୧ ଅଗଷ୍ଟ ୧୫ରୁ ୨୦୨୨ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଦେଶବାସୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିଛନ୍ତି। ଚଳିତ ବର୍ଷ ୭୬ତମ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ପ୍ରତ୍ୟେକ ଭାରତୀୟଙ୍କ ମନରେ ଜାତୀୟତା ପ୍ରୀତି ସୃଷ୍ଟି ପାଇଁ ହର ଘର ତ୍ରିରଙ୍ଗାର ଆହ୍ୱାନ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଅଗଷ୍ଟ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ୱାଧିନତା ସପ୍ତାହ ରୂପେ ପାଳନ କରାଯାଇଛି। ଏହି ୭ଦିନ ପ୍ରତ୍ୟେକ ଦେଶବାସୀ ନିଜ ନିଜ ଘର ଓ ସରକାରୀ ତଥା ବେସରକାରୀ ସଂସ୍ଥାର କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ତ୍ରିରଙ୍ଗାକୁ ଉଡାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ଜାତୀୟ ପତାକା ଆଇନକୁ କୋହଳ କରାଯାଇଥିଲା। ଯେପରିକି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ ଅଗଷ୍ଟ ୧୧



ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ଜାତୀୟ ପତାକା ଉତୋଳନ କରିବା ସହିତ ୧୭ତାରିଖ ସନ୍ଧ୍ୟାରେ ଅବତରଣ କରିବେ। ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନକୁ ବ୍ୟାପକ କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ସଂଯୋଜନାରେ ୭୫ଟି ସଂଗଠନକୁ ନେଇ ଅଗଷ୍ଟ ୯ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୯ଦିନ ବ୍ୟାପୀ ବିଭିନ୍ନ ପ୍ରକାରର ଜାତୀୟ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୯ ଓ ୧୦ ତାରିଖରେ କୋଣାର୍କ ଏନଏସିର ୧୩ ୱାର୍ଡରେ ସଫେଇ, ୧୧ ତାରିଖରେ ୭୫ଟି ବୃକ୍ଷରେ ରାକ୍ଷୀ ବନ୍ଧନ, ୧୨ ତାରିଖରେ ବୀର ଶହୀଦଙ୍କ ଉଦ୍ଦେଶ୍ୟରେ ୭୫ଟି ଦୀପଦାନ, ୧୩ ତାରିଖରେ ଲଘୁଚାପଜନିତ ପ୍ରବଳ ବର୍ଷା ସତ୍ତ୍ୱେ କୋଣାର୍କସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ କୋଣାର୍କ ବନ୍ୟପ୍ରାଣୀ ବନାଂଚଳ ସହାୟତାରେ ୭୫ଟି ବୃକ୍ଷରୋପଣ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ପତାକା ପ୍ରଦର୍ଶନୀ କରାଯାଇଥିଲା। ଏହି କାର୍ଯ୍ୟରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, କୋଣାର୍କ ଜବାହାର ନବୋଦୟ ବିଦ୍ୟାଳୟ ଅଧକ୍ଷ ନୃସିଂହ ଚରଣ କର, କୋଣାର୍କ ବନ୍ୟପ୍ରାଣୀ ବନାଂଚଳ ଅଧିକାରୀ ବେଣୁଧର ବେହେରା, ବୃକ୍ଷପ୍ରେମୀ ଲିଙ୍ଗରାଜ ନାୟକ, ସାମ୍ବାଦିକ ଅଜିତ କୁମାର ମଲ୍ଲିକଙ୍କ ସମେତ ନବୋଦୟ ବିଦ୍ୟାଳୟ ଓ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଲଗାଣ ବର୍ଷା ପାଇଁ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ପରବର୍ତ୍ତୀ ଦିନମାନଙ୍କରେ ଜାତୀୟ ସଂହତି, ଅଖଣ୍ଡ ଭାରତ ଏବଂ ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ୭୫ଟି



ଦୀପ ଦାନ, ୭୫ଜଣ କୃଷକଙ୍କୁ ନେଇ ପଦଯାତ୍ରା, କୁଶଭଦ୍ରା ନଦୀର ସଙ୍ଗମ ସ୍ଥଳରେ ୭୫ଟି ବୋଟରେ ଜାତୀୟ ପତାକା ପ୍ରଦର୍ଶନୀ, ୭୫ଟି ସ୍ଥାନରେ ସଫେଇ ଏବଂ ହର ଘର ସଫେଇ, ସ୍ୱାଧିନତା ସଂଗ୍ରାମୀଙ୍କ ବେଶରେ ୭୫ଜଣ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା, ୭୫ ଜଣଙ୍କୁ ନେଇ ଯୋଗ ପ୍ରଦର୍ଶନୀ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ, ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୋଣାର୍କ ସେବାକେନ୍ଦ୍ର ପକ୍ଷରୁ ଆଧାତ୍ମିକ ଧ୍ୟାନ, ଟାଇକୋଣ୍ଡ, ସଂଗୀତ, ଚିତ୍ରାଙ୍କନ ଓ ଝୋଟି ଚିତା ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ସରକାରଙ୍କ କୋଭିଡ-୧୯ର ସମସ୍ତ ନୀତିନିୟମକୁ ଅନୁପାଳନ କରାଯାଇ ଏହି କାର୍ଯ୍ୟକ୍ରମ ସଂଚାଳନ କରାଯାଇଥିଲା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।



ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଖୋର୍ଦ୍ଧା ଜିଲ୍ଲାର ଏ.ଡି.ଏମ୍, ଏସ୍. ସି.ଡି.ପି.ଡବ୍ଲ୍ୟୁ.ଡି ଏବଂ ଡି.ଏସ୍.ଏସ୍.ଓଙ୍କ ଦ୍ୱାରା ସୁକାନ୍ତି ଦାସଙ୍କୁ ସମ୍ମାନୀତ କରାଗଲା

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧ୍ୟହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ୍ୟ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଲେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଅିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

